## ବିଜେପିର ପ୍ରାର୍ଥୀ ଘୋଷଣାରେ ବିଳମ୍ବ

# ବସ୍ତାରେ ଶକ୍ତିଶାଳୀ ହେଉଛି ବିଜେଡି

ବସ୍ତା ବ୍ଲକ, ୨୫।୪ (ସମିସ):

ବସ୍ତା ବିଧାନସଭା ଆସନ ପାଇଁ ପ୍ରଥମେ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଦ୍ୱିତୀୟ ଦଳ ଭାବେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିଛି । ମାତ୍ର ବିଜେପି ବସ୍ତାରେ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନାହିଁ। ଟିକଟ ପାଇଁ ମାଳ ମାଳ ଆଶାୟୀଙ୍କ ମଧ୍ୟରେ ଟଣାଓଟରା ସହ ଖୋଲାଖୋଲି ବିଦ୍ରୋହ ଜିଲ୍ଲା ବିଜେପି ଶିବିରରେ କମ୍ପନ ହେଉଥିବା ଦଳ ଭିତରେ ଆଲୋଚନା ହେଉଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଯାଏ କୌଣସି ନିଷ୍ପତ୍ତି ନେଇ ପାରୁ ନଥିବା ଶୁଣିବାକୁ ମିଳୁଛି । ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆଶାୟୀଙ୍କୁ ନେଇ ବାଦ ବିବାଦର ପୂର୍ଣ୍ଣଚ୍ଛେଦ ପାଇଁ ଘନ ଘନ ବୈଠକ ହେଉଛି । ବାଲିଆପାଳ ବିଜେପିର ଆମଦାନୀ ନେତା ଓ ପୁରୁଣା ବିଜେପି ନେତାଙ୍କ ଅନ୍ତଦ୍ୱନ୍ଦ୍ୱ ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପିକୁ ନିର୍ବାଚନ ପୂର୍ବରୁ ଦୋହଲାଇ ଦେଇଛି । ବିଜେପିର କର୍ମୀ ଓ ସମର୍ଥକ ଏବେ ଦଳର ଜିଲ୍ଲାସ୍ତରୀୟ ନେତାଙ୍କୁ ଭରସା କରିପାରୁ ନାହାନ୍ତି । ପ୍ରତ୍ୟେକ ଦିନ ବହୁ ବିଜେପି ସମର୍ଥକ ବିଜେଡ଼ିର ସୁବାସିନୀ ଜେନା ଓ ରବୀନ୍ଦ୍ର କୁମାର ଜେନାଙ୍କ ଉପରେ ଭରସା କରି ବିଜେଡି ଶିବିରରେ ଯୋଗ ଦେଉଥିବା ଦେଖିବାକୁ ମିଳୁଛି । ଯାହାଫଳରେ ବିଜେପି ବସ୍ତାରେ କ୍ରମାଗତ ଭାବେ ଦୁର୍ବଳ ହେଉଥିବା ବେଳେ ବିଜେଡି ଆହୁରି ଶକ୍ତିଶାଳୀ ହେଉଛି । ଯାହାର ପ୍ରଭାବ ନିର୍ବାଚନର ଫଳ ପ୍ରକାଶ ପରେ ଜଣା ପଡ଼ିବ ବୋଲି ଏବେ ଠାରୁ ଜଳ ଜଳ ଦିଶିଲାଣି । ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ୫ ବର୍ଷ କାର୍ଯ୍ୟକାଳରେ ବସ୍ତା ଯେତିକି ନ ପାଇଛି ତାହା ଠାରୁ ଅଧିକ ହରାଇଛି ବୋଲି ଲୋକେ କହୁଛନ୍ତି । ବସ୍ତାରେ ପ୍ରତାପଙ୍କ ତେଜ ମଳିନ ଏବଂ ତାଙ୍କ ପ୍ରତି ସାଧାରଣ ଲୋକଙ୍କ ଆଉ ଆସ୍ଥା ନାହିଁ ବୋଲି ସବୁଠାରେ ଚର୍ଚ୍ଚା ହେଉଛି । ଶ୍ରୀ ଷଡଙ୍ଗୀ ବସ୍ତାରେ ଆମଦାନୀ ନେତାଙ୍କୁ ଅଧିକ ଭରସା କରୁଥିବାରୁ ଯଦି ବସ୍ତା ଟିକଟ ବିଚାର ବିମର୍ଷ କରି ନ ଦିଅନ୍ତି ତାହେଲେ ବସ୍ତାରେ ତାଙ୍କର ନିଜ ସ୍ଥିତି ଓ ସଂଗଠନ ଭୁଶୁଡ଼ି ପଡ଼ିବ ବୋଲି ରାଜନୀତିଜ୍ଞମାନେ ମତବ୍ୟକ୍ତ କରିଛନ୍ତି ।

## ବ୍ୟାବସାୟିକ ପ୍ରତିଷ୍ଠାନରେ ଜିଏସ୍‌ଟି ଚଢ଼ଉ



- ୪ ଟି ସ୍ଥାନରେ ଏକକାଳୀନ ଚଢ଼ଉ
- ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ

ବାହାନଗା, ୨୫।୪(ସମିସ) : ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ଥିବା ବ୍ୟାବସାୟିକ ପ୍ରତିଷ୍ଠାନ ଦାସ ଟ୍ରେଡର୍ସର ଦୋକାନ ଘର, ଗୋଦାମ ସମେତ ଏକ ଲୁଗା ଦୋକାନ ଉପରେ ଆଜି ଜିଏସଟି ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ ହୋଇଯାଇଛି । ଜିଏସଟି ବିଭାଗର ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବାଣିଜ୍ୟ କର ଅଧିକାରୀ ଧୀରେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ୭ ଜଣିଆ ଟିମ ଏକକାଳୀନ ଗୋପାଳପୁରର ଦାସ ଟ୍ରେଡ଼ର୍ସର ତିନି ଗୋଟି ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି । ଖବର ଅନୁସାରେ ଗୋପାଳପୁର ବଜାରରେ ବହୁ ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଗ୍ରାହକଙ୍କୁ ଜିଏସଟି ବିଲ୍ ଦେଉନଥିବା ଏବଂ ବାଣିଜ୍ୟ କର ଫାଙ୍କୁଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଏହି କ୍ରମରେ ଗୋପାଳପୁରର ଜଣାଶୁଣା ବ୍ୟବସାୟିକ ପ୍ରତିଷ୍ଠାନ ଦାସ ଟ୍ରେଡ଼ର୍ସ ନାମରେ ଅଭିଯୋଗ ଆସିଥିଲା । ପରେ ଜିଏସଟି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ବାଣିଜ୍ୟ କର ଅଧିକାରୀ ଧୀରେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ବାଣିଜ୍ୟ କର ଅଧିକାରୀ ରଣଦୀପ ଦାସ, ଏ.ବି ପ୍ରଧାନ, ସହକାରୀ ବାଣିଜ୍ୟ କର ଅଧିକାରୀ ତପନ କୁମାର ଦାସଙ୍କ ସମେତ ଏକ ୬ ଜଣିଆ ଟିମ ଗୋପାଳପୁରରେ ପହଞ୍ଚି ସୁଦର୍ଶନ ଦାସଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଦାସ ଟ୍ରେଡ଼ର୍ସର ଦୋକାନ ଘର, ଗୋଦାମ ଘର ସମେତ ଗୋପାଳପୁର ବଜାର ଥିବା ନୂତନ ସାଜ ସଜ୍ଜା ଲୁଗା ଦୋକାନ ଉପରେ ବିଭାଗୀୟ ଅଧିକାରୀ ମାନେ ଏକକାଳୀନ ଚଢ଼ଉ କରିଥିଲେ । ସକାଳ ପ୍ରାୟ ୧୧.୩୦ ସମୟରୁ ଏହି ଚଢ଼ଉ ଆରମ୍ଭ ହୋଇଥିବା ବେଳେ ଦୀର୍ଘ ୫ ଘଣ୍ଟା ଧରି ଏହି ଚଢ଼ଉ ଚାଲିଥିବାବେଳେ ଷ୍ଟକ ରେଜିଷ୍ଟାର ସମେତ ଷ୍ଟକ ଥିବା ସିମେଣ୍ଟ, ରଡ଼ ଆଦିକୁ ଅଧିକାରୀମାନେ ମେଳାଇଥିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଏକାଧିକ ବ୍ୟାଙ୍କ ଆକାଉଣ୍ଟ ପାସବୁକକୁ ତଦନ୍ତ ପରିସରକୁ ନେବା ସହ ଜବତ କରିଥିଲେ । ଅନ୍ୟପଟେ ଗୋପାଳପୁର ବଜାରରେ ଏକାଧିକ ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଦୀର୍ଘ ବର୍ଷ ଧରି ଗଢ଼ି ଉଠିଥିବା ବେଳେ ଗ୍ରାହକ ସଠିକ ଦାମ ଦେଇ ଜିନିଷ କିଣୁଛନ୍ତି, ହେଲେ ବ୍ୟବସାୟୀ ମାନେ ଗ୍ରାହକଙ୍କୁ ଜିଏସଟି ବିଲ୍ ନ ଦେଇ ସରକାରଙ୍କୁ ବାଣିଜ୍ୟ କର ଫାଙ୍କୁଥିବାର ଅଭିଯୋଗ ହେଉଥିବା ବେଳେ ଜିଏସଟି ବିଭାଗ ଅନ୍ୟ ପ୍ରତିଷ୍ଠାନ ଉପରେ ଚଢ଼ଉ କରି ବାଣିଜ୍ୟ କର ଫାଙ୍କୁଥିବା ଅନ୍ୟ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜିବି ମହଲରେ ଦାବି ହେଉଛି ।

## ମଦ ଧରିବାକୁ ଯାଇ ଅବକାରୀ ପୁଲିସ ହଟହଟା

ସୋର, ୨୫।୪(ସମିସ): ଚୋରା ମଦ ଧରିବାକୁ ଆସି ଅବକାରୀ ଇନ୍ସପେକ୍ଟର ଓ କର୍ମଚାରୀ ହଟହଟା ହୋଇଥିବା ବେଳେ ପୁଲିସ ଉଦ୍ଧାର କରି ଛାଡ଼ିଛି । ଆଜି ପୂର୍ବାହ୍ନରେ କୌଣସି ସୂତ୍ରରୁ ଖବରପାଇ ଜଳେଶ୍ୱର ଅବକାରୀ ସାଟେଲାଇଟ ଥାନା ଇନସିପେକ୍ଟର ଲକ୍ଷେସାଧବ ପ୍ରଧାନ ଏକ ଟିମ ସହ ଅନନ୍ତପୁର ଫାଣ୍ଡି ଅଧୀନ ଆମ୍ବତୋଟା ଗ୍ରାମରେ ଚଢ଼ଉ କରିଥିଲେ । ଏହି ଗ୍ରାମର ପର୍ଶୁରାମ ପରିଡ଼ା ଓ ତାଙ୍କ ଭାଇ ବୁଦ୍ଧିରାମ ପରିଡ଼ାଙ୍କ ବାଡ଼ିରେ ଚୋରା ମଦଥିବା ଖବର ପାଇ ଅବକାରୀ ବିଭାଗର ଏହି ଟିମ ସେଠାରେ ପହଞ୍ଚି ଖୋଜା ଖୋଜି କରିଥିଲେ । ଯାହାକୁ ନେଇ ବୁଦ୍ଧିରାମ ଓ ପର୍ଶୁରାମ ବିରୋଧ କରିବା ସହିତ ଅବକାରୀ କର୍ମଚାରୀଙ୍କୁ ଅଟକ ରଖି ଯୁକ୍ତିତର୍କ କରିଥିଲେ । ବୁଦ୍ଧିରାମ ନିକଟସ୍ଥ ଅନନ୍ତପୁର ଫାଣ୍ଡିକୁ ଖବର ଦେବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ବୁଝାସୁଝା କରିବା ପରେ ଅବକାରୀ କର୍ମଚାରୀ ମାନେ ସେଠାରୁ ଫେରିଥିଲେ ।

## ସିକନ୍ଦରାବାଦରେ ସୋର ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସୋର, ୨୫।୪(ସମିସ): ସୋରରୁ ଯାଇ ସିକନ୍ଦରାବାଦରେ ଏକ ହୋଟେଲରେ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ତାଙ୍କୁ କେହି ମାରିଦେଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ମିଳିଥିବା ଖବର ଅନୁସାରେ ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ଦିଗି ଗ୍ରାମର ଗଣେଶ ଶଙ୍ଖୁଆ ଦୀର୍ଘ ବର୍ଷ ଧରି ସିକେନ୍ଦରାବାଦରେ ଏକ ଘରୋଇ ହୋଟେଲରେ କାମ କରୁଥିଲେ । ଗତ ମଙ୍ଗଳବାର ରାତିରେ ହୋଟେଲର ଏକ ପାଇଖାନା ଘରେ ବେକରେ ଆପୃନ ଲଗାଇ ଝୁଲିପଡ଼ିଥିବା ହୋଟେଲର ମାଲିକ ଦେଖି ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ବାବଦରେ ଗଣେଶଙ୍କ ପରିବାର ଲୋକେ ଖବର ପାଇ ସୋର ଥାନାରେ ଦ୍ୱାରସ୍ଥ ହେବା ସହିତ ଗଣେଶଙ୍କ ଶବକୁ ଫେରାଇ ଆଣିବାକୁ ଅନୁରୋଧ କରିଥିବା ଜଣାପଡ଼ିଛି । ପୁଲିସ ଅଭିଯୋଗ ମୂଳେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଟ୍ରାକ୍ଟର ଧକ୍କାରେ ଶିଶୁକନ୍ୟା ମୃତ, ମା' ଗୁରୁତର



ବସ୍ତା ବ୍ଲକ, ୨୫।୪ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଶାସନ ଗ୍ରାମ ନିକଟରେ ଘରକୁ ଯିବା ପାଇଁ ରାସ୍ତା କଡ଼ରେ ଛିଡ଼ା ହୋଇ ଥିବା ମାଆ ଝିଅକୁ ଏକ ଟ୍ରାକ୍ଟର ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଶିଶୁ କନ୍ୟାର ମୃତ୍ୟୁ ହୋଇ ଥିବା ବେଳେ ମାଆ ଅଳ୍ପକେ ବର୍ତ୍ତି ଯାଇଥିବା ଜଣା ପଡ଼ିଛି । ଏଭଳି ଅଭାବନୀୟ ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁଯାୟୀ ସିଂଲା ଥାନା ଅନ୍ତର୍ଗତ ପଣସା ଗ୍ରାମର ରଶ୍ମିତା ମାହାଲ ଶାସନ ଗ୍ରାମରେ ଥିବା ନିଜର ସମ୍ପର୍କୀୟ ଙ୍କ ଘରକୁ ବୁଲିବାକୁ ଆସିଥିବା ବେଳେ ଅପରାହ୍ନରେ ନିଜର ଦେଢ ବର୍ଷର ଶିଶୁ କନ୍ୟାକୁ ଧରି ରାସ୍ତା କଡରେ ଛିଡା ହୋଇଥିଲେ । ହଠାତ ଏକ ନମ୍ବର ବିହୀନ ଟ୍ରାକ୍ଟର ଦ୍ରୁତଗତିରେ ଆସି ଉଭୟ ମା ଝିଅଙ୍କୁ ଧକ୍କା ଦେଇ ଥିଲା । ଘଟଣା ସ୍ଥଳରେ ଝିଅ ପୂଜା ମାହାଲଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ମାଆ ଗୁରୁତର ହୋଇ ଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିବା ବେଳେ କ୍ଷତିପୂରଣ ଦାବିରେ ଘଟଣା ସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଟ୍ରାକ୍ଟର ସମେତ ଡ୍ରାଇଭରକୁ ଅଟକ ରଖିଥିଲେ । ପରିସ୍ଥିତି ଅଣାୟତ୍ତ ହେବାକୁ ଯାଉଥିବା ବେଳେ ଖବର ପାଇ ସିଂଲା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଦୁର୍ଘଟଣା ଘଟାଇ ଥିବା ଟ୍ରାକ୍ଟର କୁ ଜବତ କରିବା ସହ ଡ୍ରାଇଭର କୁ ଅଟକ ରଖା ଯାଇଛି ବୋଲି ସିଂଲା ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ଜବତ ଟ୍ରାକ୍ଟର ନମ୍ବର ବିହୀନ ଥିବା ଦେଖିବାକୁ ମିଳିଛି ।

## ପୋଖରୀରେ ବୁଡ଼ି ଶ୍ରମିକ ମୃତ

ବାହାନଗା, ୨୫।୪(ସମିସ) : ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ବାଜିପୁର ଗାଁରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଖବର ଅନୁସାରେ ସୋର ଥାନା ମଙ୍ଗଳପୁର ଗ୍ରାମର ରୋହିଆ ସିଂ (୫୬) ସ୍ତ୍ରୀ ସୁକାନ୍ତିଙ୍କ ସହ ୨୫ ଦିନ ହେବ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ କାମ ଅନ୍ୱେଷଣରେ ଗୋପାଳପୁର ଥାନା ବାଜିପୁର ଗ୍ରାମକୁ ଆସି ଲୋକଙ୍କ ଘରେ କାମ କରୁଥିଲେ । ଆଜି ରୋହିଆ ସିଂ କାମକୁ ଯାଇନଥିବା ବେଳେ ମଧ୍ୟାହ୍ନ ସମୟରେ ବାଜିପୁରର ଏକ ପୋଖରୀରେ ଗାଧୋଉଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ରୋହିଆ ଘରକୁ ଫେରିନଥିବା ବେଳେ ସ୍ଥାନୀୟ ଲୋକେ ରୋହିଆ ପାଣିରେ ଭାସୁଥିବାର ଦେଖି ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଗୋପାଳପୁର ଥାନା ପୋଲିସ ଶବ ଜବଦ କରି ମେଡ଼ିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ବିଧାୟକଙ୍କ ନେତୃତ୍ୱରେ ବିଜେଡିରେ ମିଶିଲେ ଜନପ୍ରତିନିଧି

ନୀଳଗିରି, ୨୫।୪(ସମିସ): ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ବିଭିନ୍ନ ପଦ ପଦବୀରେ ଥିବା ନିର୍ବାଚିତ ଲୋକ ପ୍ରତିନିଧି ବିଭିନ୍ନ ଦଳ ଛାଡି ଆଜି ନୀଳଗିରି ବିଧାୟକ ଙ୍କ ସୁକାନ୍ତ ନାୟକଙ୍କ ନେତୃତ୍ୱ ରେ ବିଜେଡି କାର୍ଯ୍ୟାଳୟ ରେ ଏକ ମହା ମିଶ୍ରଣ ପର୍ବରେ ଶ୍ରୀ ବିଧାୟକ ଦଳୀୟ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ବିଜେଡି ଦଳରେ ମିଶାଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଉପେନ୍ଦ୍ର ଦାସ, ସିଆଡ଼ିମାଳ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସ ବାବୁ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ଆରବନ୍ଧ ସରପଞ୍ଚ କୁଳମଣି ନାୟକ, ଉପେନ୍ଦ୍ର ନାୟକ, ଲୁନା ଦାସ, ସୁଭାଶିଷ ଆଚାର୍ଯ୍ୟ, ଗଙ୍ଗାଧର ବିଶ୍ୱାଳ, ରାମକୃଷ୍ଣ ମହାପାତ୍ର, ବିଜୟ ରାଉତ, ପୂର୍ବତନ ସରପଞ୍ଚ ଉଦୟ ସ, ବିନୟ ପଟ୍ଟନାୟକ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।



## ଧର୍ମପରାୟଣା ମହିଳାଙ୍କ ପରଲୋକ

ସୋର, ୨୫।୪(ସମିସ): ସୋର ବ୍ଲକ ନିଶ୍ଚିନ୍ତପୁର ପଞ୍ଚାୟତ କୁଢ଼େଇ ଗ୍ରାମର ଧର୍ମପରାୟଣା ବୃଦ୍ଧା ଲକ୍ଷ୍ମୀପିୟା ଦାଶ ମହାପାତ୍ରଙ୍କର ୯୮ ବର୍ଷ ବୟସରେ ଗତକାଲି ବିଳମ୍ବିତ ରାତିରେ ବାଲେଶ୍ୱରର ଏକ ଘରୋଇ ହସପିଟାଲରେ ପରଲୋକ ହୋଇଯାଇଛି । ଗତ କିଛିଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥାଇ ଚିକିତ୍ସାଧୀନ ଥିଲେ । ଆଜି ତାଙ୍କ ମର ଶରୀରକୁ କୁଢ଼େଇକୁ ଅଣାଯିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି । ମଝିଆ ପୁଅ ହରିହର ଦାଶମହାପାତ୍ର ମୁଖାଗ୍ନି ଦେଇଥିଲେ ।

## ଆଇଡିଏଫ୍‌ସି ବ୍ୟାଙ୍କର ବାର୍ଷିକ ଉତ୍ସବ



ଜଳେଶ୍ୱର ବ୍ଲକ, ୨୫।୪(ସମିସ): ଜଳେଶ୍ୱର ସହରର ନୂଆବଜାରସ୍ଥିତ ମୂରଲୀ କଲ୍ୟାଣ ମଣ୍ଡପ ପରିସରରେ ଆଜି ଆଇଡିଏଫସି ବ୍ୟାଙ୍କର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏଥିରେ ଜଳେଶ୍ୱର ଅଞ୍ଚଳର ଥିବା ବହୁ ଗ୍ରାହକ ଯୋଗଦେଇ ଏପରି ବ୍ୟାଙ୍କର ଆବଶ୍ୟକତା, ସେବା ସମ୍ପର୍କରେ କହିଥିଲେ । ବ୍ୟାଙ୍କ ପ୍ରବନ୍ଧକ ସେକ୍ ଆଜାରୁଦ୍ଦିନଙ୍କ ଅଧ୍ୟକ୍ଷତାରେ ଜିଲାର ମୁଖ୍ୟ ପ୍ରବନ୍ଧକ ମଳୟ କୁମାର ଦାସ ଯୋଗଦେଇ ଗ୍ରାହକ ମାନଙ୍କ ଆପତ୍ତି, ଅଭିଯୋଗ ଶୁଣିବା ସହିତ ଆଗାମୀ ଦିନରେ ଅଧିକ ସେବା ଯୋଗାଇବା ସମ୍ପର୍କରେ ସୂଚନା ଦେଇଥିଲେ । ଉପପ୍ରବନ୍ଧକ ବାପି ଘଡେଇ, ଶତ୍ରୁଘ୍ନ ଲାୟା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଆଗାମୀ ଭବିଷ୍ୟତରେ ବ୍ୟାଙ୍କ ଗ୍ରହକମାନଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ସମ୍ପର୍କରେ କହିଥିଲେ । ସନ୍ତୁଳିତ ପରିବେଶର ସୁରକ୍ଷାଲାଗି ପ୍ରତ୍ୟେକ ଗ୍ରହକକୁ ଗୋଟିଏ ଲେଖାଏଁ ବୃକ୍ଷ ପ୍ରଦାନ କରାଯାଇଥିଲା ।

- କୋର୍ଟ ଦ୍ୱାରା ବିଷ୍ଣୁପୁର ସରପଞ୍ଚ ଅଯୋଗ୍ୟ ଘୋଷଣା ମାମଲା

## ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ ବିଡିଓ

ବାଲିଆପାଳ, ୨୫।୪(ସମିସ): ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ସରପଞ୍ଚଙ୍କୁ ନେଇ ଏକ ମାମଲା ବାଲେଶ୍ୱର ସିଭିଲ ଜଜ୍ କୋର୍ଟରେ ବିଚାର ହୋଇ ସରପଞ୍ଚଙ୍କୁ କୋର୍ଟ ୨୦ ତାରିଖରେ ଅଯୋଗ୍ୟ ଘୋଷଣା କରିଥିଲେ । ସେହି ପଞ୍ଚାୟତରେ ସାନି ନିର୍ବାଚନ କରିବା ପାଇଁ ପ୍ରଶାସନକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ଏହି ରାୟ ବିରୋଧରେ ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନା ଉଚ୍ଚ ନ୍ୟାୟଳୟର ସହାୟତା ନେବେ ବୋଲି ସୂଚନା ଦେଇଛନ୍ତି । ତେବେ ଆଜି ଏକ ନାଟକୀୟ ଘଟଣା କ୍ରମରେ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ବିଷ୍ଣୁପୁର ପଞ୍ଚାୟତର ନାଏବ ସରପଞ୍ଚ ବୃନ୍ଦାବତୀ ଜେନାଙ୍କୁ ସରପଞ୍ଚ



ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଏ ସଂକ୍ରାନ୍ତରେ ବିଡିଓ ଶ୍ରୀ ପଣ୍ଡାଙ୍କୁ ସେ ଜିଲାପାଳଙ୍କ ନିର୍ଦ୍ଦେଶରେ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା କହିଛନ୍ତି । ତେବେ ବାଲିଆପାଳ ବ୍ଲକର ଡଗରା, ଦେଭୋଗ ଏବଂ ଜାମକୁଣ୍ଡା ପଞ୍ଚାୟତର ସରପଞ୍ଚ ମାନେ କୋର୍ଟଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଥିଲେ ମଧ୍ୟ ସେମାନଙ୍କ ପଞ୍ଚାୟତରେ ଦାୟିତ୍ୱ ହସ୍ତାନ୍ତର କ୍ଷେତ୍ରରେ ପ୍ରଶାସନ ସମ୍ପୃକ୍ତ ସରପଞ୍ଚ ମାନଙ୍କୁ କୋର୍ଟରୁ ରହିତା ଦେଶ ଆଣିବା ପାଇଁ ଯଥେଷ୍ଟ ସମୟ ପ୍ରଦାନ କରି ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବିଷ୍ଣୁପୁରର ଅଯୋଗ୍ୟ ଘୋଷିତ ସରପଞ୍ଚ ଅଭିଯୋଗ କରିଛନ୍ତି । ଏହି ଘଟଣା ସମଗ୍ର ବ୍ଲକରେ ଆ । ।ଲୋଚନାର ବିଷୟ ପାଲଟିଛି ।

## କବିବର ରାଧାନାଥଙ୍କ ଶ୍ରାଦ୍ଧବାର୍ଷିକୀ ଓ ସାଂସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟା



ସୋର, ୨୫।୪(ସମିସ) :

ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଧାନାଥ ପାଠାଗାରର ମିଳିତ ସହଯୋଗରେ ସୋର ପୌରପାଳିକା ଅନ୍ତର୍ଗତ ରାଧାନାଥ ସ୍ମୃତି ମଣ୍ଡପ ପରିସରରେ ଓଡ଼ିଆ ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟଙ୍କର ୧୧୬ ତମ ଶ୍ରାଦ୍ଧ ବାର୍ଷିକ ଓ ୭୯ ତମ ସାସ୍କୃତିକ ସମାରୋହର ଦ୍ୱିତୀୟ ସନ୍ଧ୍ୟା ଅଧିବେଶନ ପାଠାଗାର ସଭାପତି ତଥା ବିଧାୟକ ପର୍ଶୁରାମ ଧଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଡ. ମନ୍ମଥ କୁମାର ପ୍ରଧାନ ଯୋଗଦେଇ କବିଙ୍କ ଆଦର୍ଶବାଦ ଓ ନୀତିନିଷ୍ଠ ଚେତନା ଯୁଗଯୁଗ ଧରି ଅନ୍ୟ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ବକ୍ତବ୍ୟରେ କହିଥିଲେ । ବରେଣ୍ୟ ଅତିଥିଭାବେ ମଥୁରାନାଥ ହୋତା ଯୋଗଦେଇ ରାଧାନାଥଙ୍କ କାବ୍ୟ ମୁଖ୍ୟତଃ ବିୟୋଗାତ୍ମକ ଯାହା ପୂର୍ବରୁ ଓଡ଼ିଆ ସାହିତ୍ୟରେ ଖୁବ କମ ଥିଲା ଏବଂ ରାଧାନାଥ ଶବ୍ଦର ଯାଦୁଗର ଥିଲେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଡ଼. ଦେବାଶିଷ ପାତ୍ର ଯୋଗଦେଇ ସାହିତ୍ୟ ଆକାଶର ଚିନ୍ମୟ ସତ୍ତା କବିଙ୍କୁ ଅମର କରିଛି ଏବଂ ରାଧାନାଥଙ୍କ ସାହିତ୍ୟ ପ୍ରୟୋଗିକ ସାହିତ୍ୟ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ ।ସଭାକାର୍ଯ୍ୟ ପ୍ରାରମ୍ଭରେ ଅତିଥି ମାନେ କବିଙ୍କ ଫଟୋଚିତ୍ର ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଚେମେଇ ଦାସ ଏବଂ ରଶ୍ମିରାଣୀ ଦାସ ଅତିଥି ପରିଚୟ ପ୍ରଦାନ ପୂର୍ବକ ମଞ୍ଚ ଆହ୍ୱାନ କରିଥିଲେ । ପୁଷ୍ପାରାଣୀ ନାୟକ କବି ବନ୍ଦନା ଗାନ କରିଥିବା ବେଳେ ତ୍ରିବେଣୀ କଳାକେନ୍ଦ୍ରର ଛାତ୍ରଛାତ୍ରୀ ମାନେ ଭାରତ ଗୀତିକା ଗାନ କରିଥିଲେ । ସଭାପତିଙ୍କ ସ୍ୱାଗତ ଭାଷଣ ପରେ ନିମନ୍ତ୍ରିତ ଅତିଥି ମାନଙ୍କୁ ରାଧାନାଥ ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ରାଧାନାଥ ସାହିତ୍ୟ ଉପରେ ଆଧାରିତ ୯ମ ଏବଂ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ମନୀନ୍ଦ୍ର କୁମାର ଦୀକ୍ଷିତ କୃତୀ ଛାତ୍ରଛାତ୍ରୀଙ୍କ ନାମ ଘୋଷଣା କରିଥିବା ବେଳେ ପଠାଗାରର ଉପସଭାପତି ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ଗଳ୍ପ-କବିତା ପାଠୋତ୍ସବ

ସୋର, ୨୫।୪(ସମିସ): ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ରାଧାନାଥ ପାଠାଗାର ମିଳିତ ସହଯୋଗରେ କବିବର ରାଧାନାଥଙ୍କ ୧୧୬ ତମ ଓ ୭୯ ତମ ସାଂସ୍କୃତିକ ସମାରୋହର ଦ୍ୱିତୀୟ ଦିନରେ ରାଧାନାଥ ସ୍ମୃତି ମଣ୍ଡପ ପରିସରରେ ଏକ ରାଜ୍ୟ ସ୍ଥରୀୟ ଗଳ୍ପ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ସାହିତ୍ୟ ଗବେଷକ ଡ଼. ରମାକାନ୍ତ ବେହେରା ଯୋଗଦେଇ ବର୍ଣ୍ଣନା ଭିତରେ ଭାବାରକ ଚେତନା ରାଧାନାଥଙ୍କ ସାହିତ୍ୟରେ ଦୃଶ୍ୟମାନ ହୋଇଥାଏ ବୋଲି କହିଥିଲେ । ବରେଣ୍ୟ ଅତିଥିଭାବେ ଡ଼. ଶିରିଶ ଜେନା , ମୁଖ୍ୟ ବକ୍ତା ଭାବେ ଡ଼. ରବୀନ୍ଦ୍ର ବିହାରୀ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କବି ହରିହର ରଥଙ୍କ ଲିଖିତ ଶୂର ଭୂମି ସୋରର ସ୍ୱର ଓ ସର ଉନ୍ମୋଚନ କରାଯାଇଥିଲା । ଏଥିରେ ମୋଟ ୬ ଟି ଗଳ୍ପ ଓ ୨୩ ଗୋଟି କବିତା ପାଠ କରାଯାଇଥିଲା । ଗାଳ୍ପିକ ରଜନୀକାନ୍ତ ମହାନ୍ତି ସମୀକ୍ଷା କରିଥିଲେ । ଅଧ୍ୟାପକ ମନୀନ୍ଦ୍ର ଦୀକ୍ଷିତ, ଅଧ୍ୟାପିକା ପୁଷ୍ପଲତା ପାଢ଼ୀ ଏବଂ କବି ସୁରଞ୍ଜନ ପାତ୍ର ଗଳ୍ପ କବିତାର ସଂଯୋଜନା କରିଥିବା ବେଳେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଉଦ୍ଧବ ଚରଣ ବିଶ୍ୱାଳ ଅତିଥିଙ୍କୁ ମଞ୍ଚ ଆହ୍‌ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।



# ୩ଟି ୱାର୍ଡରେ ବିଜେଡିର ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ



ବାଲେଶ୍ୱର, ୨୫।୪(ସମିସ): ବାଲେଶ୍ୱର ପୌରପାଳିକାର ୪, ୬ ଓ ୨୮ ନମ୍ବର ୱାର୍ଡରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଏବଂ ସାଂସଦ ପାର୍ଥିନୀ ଲେଖାଶ୍ରୀ ସାମନ୍ତ ସିଂହାର ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ମୂଳକ ଯୋଜନା ଏବଂ ମହିଳା ମାନଙ୍କ ପାଇଁ ମିଶନ ଶକ୍ତି ଓ ମମତା ଭଳି ଏକାଧିକ ସ୍ୱତନ୍ତ୍ର ଯୋଜନାରେ ଲୋକ ମାନଙ୍କୁ ମିଳୁଥିବା ଉପକାରୀତା ଉପରେ ସଚେତନ କରାଇ ଥିଲେ। ବିଶେଷ କରି ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ସମ୍ପ୍ରତି ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାର ଗୁଡିକର ଲୋକ ମାନଙ୍କ ପାଇଁ ସଞ୍ଜୀବନୀ ଭଳି କାମ କରୁଛି ବୋଲି ସଂସଦ ପ୍ରାର୍ଥୀ ଲେଖାଶ୍ରୀ ଓ ବିଧାୟକ ପ୍ରାର୍ଥୀ ସ୍ୱରୂପ ଦାସ କହିଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବାକୁ ମତଦାତା ମାନେ ଆସନ୍ତା ଜୁନ ୧ ତାରିଖ ମତଦାନ ଦିବସରେ ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଆଶୀର୍ବାଦ ଭିକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ବାଲେଶ୍ୱର ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ୫ନଂ ୱାର୍ଡର କାଉନସିଲର ମୀତା ପଟ୍ଟନାୟକ, ୬ନଂ ୱାର୍ଡର କାଉନସିଲର କବିତା ମୁର୍ମୁ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ଟାଉନ ମହିଳା ସଭାପତି ମୀନା ମହାନ୍ତି, ପୂର୍ବତନ କାଉସିଲର ଆସମା ବିବି, ବିଜେଡି ନେତା ସେକ ଅତିଉଲା, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ, ମହମ୍ମଦ ଆସଲମ ଖାନ, ସେଖ କାଲୁ, ସେଖ ଫାୟାଜ, ସେଖ ମାହେରାଜ, ସେଖ ମୁସ୍ତାକ, ସେଖ ସିଦିକ, ସେକ ଜମାଲ ମହମଦ, ସେକ ଆଲାମ, ସେକ ଇସଲାମ, ସେକ କେପାପବୁଲା, ଅନୁପ ଚାଟାର୍ଜୀ, କୌଶିକ ପଣ୍ଡା, ଜୟଶ୍ରୀ ରଥ, କବିତା ବେରା ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

# ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଦାୟିତ୍ୱ ହସ୍ତାନ୍ତର



ବାଲେଶ୍ୱର, ୨୫।୪(ସମିସ): ରାଣୀପାଟଣା ସ୍ଥିତ ଦି ୱେଲଫେୟାର ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟଟି ବିବାଦୀୟ ହୋଇପଡ଼ିଥିଲା। ଏ ନେଇ କୋର୍ଟରେ ମଧ୍ୟ ମାମଲା ଚାଲୁରହିଥିଲା। ତେବେ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାପାଳ ଆଜି ସରକାରୀ ପ୍ରଶାସନିକ ନିୟମ ଅନୁସାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କ୍ରୀଷ୍ଟାଚନ୍ଦ୍ର ବେହେରାଙ୍କ ଉପସ୍ଥିତି ଏବଂ ମାଜିଷ୍ଟ୍ରେଟ ଅମ୍ଲାନ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ପୂର୍ବ କେୟାରଟେକର ଗୋପାମୁଦ୍ରା ମହାପାତ୍ରଙ୍କ ଠାରୁ ସଂସ୍ଥାର ନିର୍ଦ୍ଦେଶକ ଦିବାକର ସଙ୍କୁ ଶିକ୍ଷାନୁଷ୍ଠାନର ଦାୟିତ୍ୱ ଅର୍ପଣ କରାଯାଇଛି। ସୂଚନା ଯୋଗ୍ୟ ଯେ, ପୂର୍ବତନ ଜିଲ୍ଲାପାଳ ଏହି ଅନୁଷ୍ଠାନକୁ ଦିବାକରଙ୍କ ଠାରୁ ଛଡାଇନେଇ ଗୋପାମୁଦ୍ରାଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଦିବାକର କୋର୍ଟର ଆଶ୍ରୟ ନେଇଥିଲେ।

● ବାଲେଶ୍ୱର ଏମ୍ସ ସାଟେଲାଇଟ୍ ସେଣ୍ଟରର ସାପ୍ତାହିକ ଓପିଡି ସେବା

# ଆଜି ଓ ଆସନ୍ତାକାଲି ଆସିବେ ୪ ବିଶେଷଜ୍ଞ

ବାଲେଶ୍ୱର, ୨୫।୪(ସମିସ): ବାମପଦାଠାରେ ଥିବା ଏମ୍ସ ସାଟେଲାଇଟ୍ ସେଣ୍ଟରରେ ସାପ୍ତାହିକ ଓପିଡି ସେବା ଦୁଇ ଦିନ ଚାଲୁଛି। ଚଳିତ ସପ୍ତାହ ଆସନ୍ତା କାଲି ୨୬ ଏବଂ ୨୭ ତାରିଖ ଦିନ ସାଟେଲାଇଟ୍ ସେଣ୍ଟର ଓପିଡି ସେବା ମିଳିବ। ଏଥିପାଇଁ ଓପିଡି ସେବା ପାଇଁ ଆସୁଥିବା ବିଶେଷଜ୍ଞ ତଥା ଡାକ୍ତରଙ୍କ ତାଲିକା ଜାରି କରାଯାଇଛି। ଏଥର ଶୁକ୍ରବାର ଏବଂ ଶନିବାର ସେଣ୍ଟରକୁ ୪ଟି ବିଭାଗର ବରିଷ୍ଠ ଡାକ୍ତର ଯଥା ଦନ୍ତରୋଗ ବିଭାଗର ଅତିରିକ୍ତ ପ୍ରାଧ୍ୟାପକ ଡାକ୍ତର ସମାପିକା ରାଉତରାୟ, ଇଏନଟି(କର୍ଣ୍ଣ, ନାସା ଓ ଗଳା) ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ଯଶ୍ ମିତ୍ତଲ, ମାନସିକ ରୋଗ ବିଭାଗର ସିନିୟର ରେସିଡେଣ୍ଟ ଅମ୍ବିକା ସନଦାସ ଏବଂ ପଲମୋନାରୀ ମେଡିସିନ୍ ଆଣ୍ଡ କ୍ରିଟିକାଲ କେୟାର ବିଭାଗର ସିନିୟର ରେସିଡେଣ୍ଟ ଡାକ୍ତର ଶଶାଙ୍କ କୁମାର। ଶୁକ୍ରବାର ଓ ଶନିବାର ଦିନ ସକାଳ ୮ଟା ୩୦ ମିନିଟ୍‌ରେ ଏମ୍‌ସ ସାଟେଲାଇଟ୍ ସେଣ୍ଟର ବାଲେଶ୍ୱର ପରିସର ରୋଗୀମାନେ ସେମାନଙ୍କ ନାମ ପଞ୍ଜୀକରଣ କରି ଏହି ସୁବିଧା ପାଇପାରିବେ। ପ୍ରକାଶ ଥାଉକି, ସପ୍ତାହର ଦୁଇଦିନ ଶୁକ୍ରବାର ଓ ଶନିବାର ଓପିଡି ସେବା ଚାଲୁ ରହୁଛି। ଟିକଟ୍ ପଞ୍ଜୀକରଣ ପାଇଁ ସକାଳ ୮ ଘଟିକାରୁ ୧୧ ମଧ୍ୟରେ କରିପାରିବେ ଏବଂ ସକାଳ ୯ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଡାକ୍ତର ତଥା ବିଶେଷଜ୍ଞ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିବେ ବୋଲି ଏମ୍‌ସ ପକ୍ଷରୁ ସୂଚନା ଦିଆଯାଇଛି।

## ବିଜୁ ଶ୍ରମିକ ସାମୁଖ୍ୟର ସମାବେଶ

# 'ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧିକରି ଇତିହାସ ରଚିଛନ୍ତି ମୁଖ୍ୟମନ୍ତ୍ରୀ'

ବାଲେଶ୍ୱର, ୨୫।୪(ସମିସ):




ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ବିପକ୍ଷ ରାଜନୈତିକ ଦଳକୁ ପ୍ରତିହତ କରିବା ପାଇଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଆଗେଇ ଆସିବା ପାଇଁ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ତଥା କଟକ ମେୟର ସୁବାସ ସିଂ ଆହ୍ୱାନ ଦେଇଛନ୍ତି। ଗୁରୁବାର ଅପରାହ୍ନରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପଠାରେ ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ଆୟୋଜିତ ଶ୍ରମିକ ସମାବେଶରେ ଶ୍ରୀ ସିଂ ଯୋଗଦେଇ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରି ଆସୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ଲାଗି ବିଜେଡିର ଶଙ୍ଖ ଚିହ୍ନରେ ମୋହର ମାରିବା ପାଇଁ ନିବେଦନ କରିଛନ୍ତି। ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ଏକକାଳୀନ ଶହେ ଟଙ୍କା ବୃଦ୍ଧି କରି ଇତିହାସ ସୃଷ୍ଟି କରିଛନ୍ତି ମୁଖ୍ୟମନ୍ତ୍ରୀ। ବର୍ତ୍ତମାନ ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ସାଢେ ଚାରି ଶହ ଟଙ୍କା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ଆଉ ୬ ମାସ ପରେ ଏହା ପାଞ୍ଚ ଶହ ଟଙ୍କାକୁ ବୃଦ୍ଧି ପାଇବ ବୋଲି ଶ୍ରୀ ସିଂ କହିଛନ୍ତି। ଯେକୌଣସି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନେ କିଭଳି ସର୍ବନିମ୍ନ ମଜୁରୀ ମାସକୁ ପନ୍ଦର ହଜାର ଟଙ୍କା ପାଇବେ, ସେ ବାବଦରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶାରେ କାର୍ଯ୍ୟରତ ସାଢ଼େ ତିନି ଲକ୍ଷ ନିର୍ମାଣ ଶ୍ରମିକର ପିଲା ମାନଙ୍କ ପାଠପଢ଼ାଠାରୁ ଆରମ୍ଭ କରି ଝିଅ ବାହାଘର ପର୍ଯ୍ୟନ୍ତ ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀ ଯୋଗାଇ ଦେଉଛନ୍ତି। ଆଗାମୀ ଦିନରେ ଏହିଭଳି ବିଭିନ୍ନ କ୍ଷେତ୍ରରେ ଶ୍ରମିକମାନେ ଯଦି ଆର୍ଥିକ ସହାୟତା ପାଇବା ଲାଗି ଚାହୁଁଛନ୍ତି, ତା ହେଲେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଚଳିତ ନିର୍ବାଚନରେ ବିଜେଡି ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବାକୁ ମେୟର ଶ୍ରୀ ସିଂ ସମାବେଶରେ ଉପସ୍ଥିତ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି। ଏହି ସମାବେଶରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଯୋଗଦେଇ କହିଛନ୍ତି, ଶ୍ରମିକ ମାନଙ୍କ ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନାରେ ଶ୍ରମିକ ମାନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେଉଛନ୍ତି। ତେଣୁ ଚଳିତ ନିର୍ବାଚନରେ ବିଜେଡିର ପ୍ରାର୍ଥୀ ମାନଙ୍କୁ ଜିତାଇ ଆଣିବା ପାଇଁ ଶଙ୍ଖ ଚିହ୍ନରେ ମୋହର ମାରିବାକୁ ବିଧାୟକ ପ୍ରାର୍ଥୀ ଶ୍ରୀ ଦାସ ଉପସ୍ଥିତ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଶ୍ରମିକ ସାମୁଖ୍ୟର ରାଜୀବ ମହାନ୍ତି, ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ, ରଘୁନାଥ ଲେଙ୍କା, ମନୋଜ ରାଉତ ଓ ଧୀରେନ କୁମାର ନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟରେ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବା ପାଇଁ କହିଥିଲେ। ଜିଲ୍ଲା ବିଜେଡି ର ସାଧାରଣ ସମ୍ପାଦକ ତଥା ଆମ ଓଡ଼ିଶା ନବୀନ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ସଂଯୋଜକ ରଞ୍ଜନ କୁମାର ବାଗ ଆଜିର ଶ୍ରମିକ ସମାବେଶ ମଞ୍ଚକୁ ସଞ୍ଚାଳନ କରିଥିଲେ।

# ସମସ୍ୟା ଘେରରେ ପରମାନନ୍ଦପୁର ଗାଁ

ବାଲେଶ୍ୱର, ୨୫।୪(ସମିସ): ବାଲେଶ୍ୱର ସଦର ବ୍ଲକ ଅଞ୍ଚଳରେ ଏପରି ଏକ ଗାଁ ରହିଛି ଯେଉଁଠି ଆଜି ବି ଲୋକେ ଠାକୁରଙ୍କ ପୂଜା କରିବା ପାଇଁ ଅନ୍ୟ ଏକ ପଞ୍ଚାୟତ ଉପରେ ନିର୍ଭର। ଏହାଛଡା ସେଠାକୁ ପୂଜା କରିବା ପାଇଁ ପାଦରେ ପାଖାପାଖି ୫କିମିରୁ ଅଧିକ ଚାଲିବାକୁ ମଧ୍ୟ ପଡ଼ିଥାଏ। ଏଭଳି ଏକ ଗାଁ ହେଉଛି କୁରାଡ଼ିଆ ପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦପୁର ଗାଁ। ସୂଚନା ଅନୁସାରେ, ସଦର ବ୍ଲକ ତଥା ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରମାନନ୍ଦପୁର ଗାଁ। ଏହି ଗାଁରେ ରହିଛି ୧୦ନମ୍ବର ୱାର୍ଡ। ଏହି ୱାର୍ଡର ଘର ସଂଖ୍ୟା କହିଲେ ପାଖାପାଖି ୫୩ ଏବଂ ଲୋକସଂଖ୍ୟା କହିଲେ ୫ଶହରୁ ଅଧିକ ହେବ। ହେଲେ ଏଠାରେ ସମସ୍ୟା ଅଧିକରୁ ଅଧିକ। ବିଶେଷ କରି ଏହି ଗାଁରେ ଗୋଟିଏ ବି ମନ୍ଦିର ନାହିଁ। ଯାହାଫଳରେ ଲୋକମାନେ ନିକଟସ୍ଥ ହଳଦୀପଦା ପଞ୍ଚାୟତ ଉପରେ ନିର୍ଭର କରନ୍ତି। ଏହି ଗାଁଠାରୁ ହଳଦୀପଦା ଠାରେ ଥିବା ମନ୍ଦିରର ଦୂରତା ହେଉଛି ପାଖାପାଖି ୫ କିଲୋମିଟର। କେବଳ



ଏହି ଗାଁରେ ମନ୍ଦିର ସମସ୍ୟା ନୁହେଁ ବରଂ ରାସ୍ତା ସମସ୍ୟା ମଧ୍ୟ ରହିଛି। ଗାଁକୁ ସଂଯୋଗ କରୁଥିବା ରାସ୍ତା ସବୁ ଫାଟି ଆଁ କଲାଣି। ଏହାଛଡା ବର୍ତ୍ତମାନ ପର୍ଯ୍ୟନ୍ତ କିଛି ଲୋକଙ୍କର ରାସନ କାର୍ଡ ହୋଇପାରି ନଥିବା ବେଳେ କିଛି ଲୋକଙ୍କର ମଧ୍ୟ ରାସନ କାର୍ଡରେ ନାଁ ଯୋଡା ହୋଇପାରି ନାହିଁ। ଏ ନେଇ ଗ୍ରାମବାସୀ ମୀନତି ମହାଳିକ କହିଛନ୍ତି ଯେ, ତାଙ୍କ ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ବି ମନ୍ଦିର ନାହିଁ। ଏପରିକି ବିଭିନ୍ନ ପର୍ବ ପର୍ବାଣୀ ସହ କାର୍ତ୍ତିକ ମାସ, ପୁନେଇ, ସଂକ୍ରାନ୍ତି ହେଲେ ସେମାନେ ବାଧ୍ୟ ହୋଇ ନିକଟସ୍ଥ ହଳଦୀପଦା ପଞ୍ଚାୟତରେ ଥିବା ମନ୍ଦିର ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଗାଁରେ ଗୋଟିଏ ମନ୍ଦିର ନିର୍ମାଣ କରାଯିବାକୁ ଦାବି କରାଯାଉଥିଲେ ସୁଦ୍ଧା ଏହା ଫଳବତୀ ହୋଇପାରୁ ନାହିଁ। ଏହି ଗାଁକୁ ବସ୍ ଚଳାଚଳ ହେଉନଥିବାରୁ ଲୋକେ ଯିବା ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ କୌଣସି ଜରୁରୀ କାର୍ଯ୍ୟରେ ବାଲେଶ୍ୱର ଯିବାକୁ ହେଲେ ଗାଁ ଠାରୁ ୫କିମି ଚାଲିକି ହେଉ କିମ୍ବା କାହା ମୋଟରସାଇକେଲ ଯୋଗେ ଛକକୁ ଆସିବାକୁ ପଡ଼ିଥାଏ ବୋଲି କହିଛନ୍ତି। ଏହାବ୍ୟତିତ ସେ କହିଛନ୍ତି ଯେ, ସେ ଉକ୍ତ ଗାଁକୁ ପାଖାପାଖି ୮ ବର୍ଷ ହେବ ବାହା ହୋଇ ଆସିଥିବା ବେଳେ ତାଙ୍କ ନାମ ରାସନ କାର୍ଡରେ ସଂଯୋଗ ହୋଇପାରିଲା ନାହିଁ।

# ଟାଉନ୍ ହାଇସ୍କୁଲରେ ବହୁମୁଖୀ କାର୍ଯ୍ୟକ୍ରମ




ବାଲେଶ୍ୱର, ୨୫।୪(ସମିସ): ଟାଉନ୍ ହାଇସ୍କୁଲରେ ବହୁମୁଖୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ଭୂୟାଁ ଅଧ୍ୟକ୍ଷତା କରି ବିଭିନ୍ନ କ୍ଲବର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ବିଦ୍ୟାଳୟ ପାଇଁ ଏମାନେ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷୟିତ୍ରୀ ଭାରତୀ ରାଉଳ, ସସ୍ମିତା ପଣ୍ଡା ଏବଂ ନମିତା ନାୟକଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ପରେ ଆଲୁମିନି ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ଏବଂ ୧୯୭୫ ମସିହା ବ୍ୟାଚ୍ ର ବରିଷ୍ଠ ଆଲୁମିନି ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ। ସେମାନଙ୍କ ଦ୍ୱାରା ପ୍ରଦତ୍ତ ୧୮ ହଜାର ଟଙ୍କାର ଏକ ଚେକ୍ ପୂର୍ବରୁ ପ୍ରଧାନଶିକ୍ଷକଙ୍କୁ ଗରିବ ଏବଂ ମେଧାବୀ ପିଲାଙ୍କ ବୃତ୍ତି ରାଶି ରୂପେ ଦେଇଥିଲେ। ଏଥିପାଇଁ ପ୍ରଧାନଶିକ୍ଷକ ଏକ କମିଟି କରି ୮ ମ, ୯ ମ ଏବଂ ୧୦ ମ ଶ୍ରେଣୀରୁ ୩୦ ଜଣ ପିଲାଙ୍କୁ ଚୟନ କରି ସେମାନଙ୍କୁ ୧୯୭୫ ବ୍ୟାଚ୍ ଆର୍ଥିକ ଧନରାଶି ସ୍କଲାରସିପ୍ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅଫିସ ସହକର୍ମୀ ପରିଚାଳନା କରିଥିଲେ।

# ରକ୍ତ କର୍କଟ ସହ ସଂଘର୍ଷ କରୁଛନ୍ତି ମେଧାବୀ କେଶବ

ବାଲେଶ୍ୱର, ୨୫।୪(ସମିସ):




ରକ୍ତ କର୍କଟ ଚିହ୍ନଟ ହେବା ପରେ ପରିବାର ଲୋକେ ବିଳମ୍ବ ନ କରି ଚିକିତ୍ସା ଆରମ୍ଭ କରିଦେଇଥିଲେ। ବହୁତ କଷ୍ଟରେ ଟଙ୍କା ସଂଗ୍ରହ କରି ଏବଂ ପାଖରେ ଯାହା ଜମା ଟଙ୍କା, ଋଣ ଏବଂ ଉଧାର ଏବଂ ଲୋକଙ୍କ ସହଯୋଗ ଟଙ୍କାରେ ହାଇଦ୍ରାବାଦ ଯାଇ ଚିକିତ୍ସା ସହ ବ୍ରେନ୍‌ମାରୋ ଟ୍ରାନ୍ସପ୍ଲାଣ୍ଟ କରିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ପ୍ରଥମ ଟ୍ରାନ୍ସପ୍ଲାଣ୍ଟ ଅସଫଳ ହେଲା। ଟ୍ରାନ୍ସପ୍ଲାଣ୍ଟର ୬ ମାସ ନପୂରୁଣୁ ପୁଣିଥରେ କ୍ୟାନ୍ସର ରିଟର୍ନ କଲା। ଶୀଘ୍ର ସୁସ୍ଥ ହୋଇ ପାଠ ପଢ଼ିବା ସ୍ୱପ୍ନ ନେଇ ହାଇଦ୍ରାବାଦରେ ଚିକିତ୍ସିତ ହେଉଥିଲେ। ଆଜି ପୂରଣ ହେଉଥିଲା ଟ୍ରାନ୍ସପ୍ଲାଣ୍ଟର ୬ ମାସ। ପୁଣିଥରେ ଚିକିତ୍ସିତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବାଲେଶ୍ୱରର କେଶବ ରାଉତ(୨୪)। ପାଠ ପଢ଼ିବା କ୍ୟାରିୟର ଗଢ଼ିବା ବୟସରେ ଏବେ କର୍କଟ ସହ ସଂଘର୍ଷ କରୁଛନ୍ତି କେଶବ। ଏକ ଭିଡିଓ ମାଧ୍ୟମରେ ସମସ୍ତଙ୍କ ସହଯୋଗ ଓ ସାହାଯ୍ୟ କାମନା କରିଛନ୍ତି କେଶବ। ସହଯୋଗ ମିଳିଲେ ତାଙ୍କ ଜୀବନ ବଞ୍ଚିଯିବ ବୋଲି ନିବେଦନ କରିଛନ୍ତି। ସଦର ବ୍ଲକ ସାର୍ଥା ପଞ୍ଚାୟତର ହରେକୃଷ୍ଣ ରାଉତ ଓ ହରପ୍ରିୟା ରାଉତଙ୍କ ସାନ ପୁଅ କେଶବ। ହରେକୃଷ୍ଣ ଜଣେ ଚାଷୀ ହେବା ସହ ଏକ ଛୋଟ ଜଳଖିଆ ଦୋକାନରୁ ରୋଜଗାର କରି ପରିବାର ପ୍ରତିପୋଷଣ କରନ୍ତି। କେଶବ ବାଲେଶ୍ୱର ଫକୀରମୋହନ କଲେଜରେ ଯୁକ୍ତ ତିନି ପାଠ ସାରିବା ପରେ ନର୍ଥ ଓଡ଼ିଶା ୟୁନିଭରସିଟିରେ ପିଜି କରିଛନ୍ତି। ଏହାପରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏମ୍ ଏମ ଏଡ୍ ପଢ଼ିବା ପାଇଁ କେଶବଙ୍କର ଚୟନ ହୋଇଯାଇଥିଲା। ସେଠାରେ ସେ ପ୍ରାୟ ୨ ମାସ କୋର୍ସ ଆରମ୍ଭ କରିଥିଲେ। ପରେ କେଶବଙ୍କୁ ଜ୍ୱର ହେବା ଆରମ୍ଭ ହୋଇଥିଲା। ଫଳରେ ବାଲେଶ୍ୱର ପରେ ଭୁବନେଶ୍ୱରରେ ଡାକ୍ତରଙ୍କୁ ଦେଖାଇଥିଲେ। ୨୦୨୩ ସେ ମାସରେ ଭୁବନେଶ୍ୱର କିମସ୍ ହସ୍ପିଟାଲରେ କେଶବଙ୍କୁ ରକ୍ତ କର୍କଟ ହୋଇଥିବା

● ସହାୟତା ପାଇଁ ଭିଡିଓ ମାଧ୍ୟମରେ କଲେ ନିବେଦନ

ନେଇ ଚିହ୍ନଟ ହୋଇଥିଲା। ସେଇଠି ହିଁ କେଶବଙ୍କ ଚିକିତ୍ସା ଆରମ୍ଭ ହୋଇଯାଇଥିଲା। ମାତ୍ର ପରିସ୍ଥିତି ଖରାପ ହେବାରୁ ପଡୋଶୀଙ୍କ ପରାମର୍ଶ କ୍ରମେ ପରିବାର ଲୋକେ କେଶବଙ୍କୁ ହାଇଦ୍ରାବାଦର ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କର ବଡ଼ ଭାଇଙ୍କଠାରୁ ବ୍ରେନ୍‌ମେରୋ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା। ଟ୍ରାନ୍ସପ୍ଲାଣ୍ଟର ତିନି ମାସ ପରେ ଡାକ୍ତର କେଶବଙ୍କୁ ଘରକୁ ଯିବାକୁ ପରାମର୍ଶ ଦେଇଥିଲେ ଏବଂ ୧୫ ଦିନ ଥରେ ଚେକ୍ ଅପ୍ ପାଇଁ କହିଥିଲେ। ମାତ୍ର ଟ୍ରାନ୍ସପ୍ଲାଣ୍ଟ ବିଫଳ ହୋଇଗଲା। କେଶବ ପୁଣିଥରେ ଅସୁସ୍ଥ ହେବା ପରେ ତାଙ୍କୁ ହାଇଦ୍ରାବାଦ ନିଆଯିବା ପରେ ପରୀକ୍ଷା କରିବାରୁ ଯେଉଁ 'ବି' ସେଲ୍‌ଫ ରେ କର୍କଟ ଚିହ୍ନଟ ହୋଇଥିଲା ସେଇ ସେଲ୍‌ଫ ରେ ପୁଣିଥରେ କର୍କଟ ବ୍ଲାଷ୍ଟ ହୋଇଥିବା ଚଳିତ ମାସ ୧୭ ତାରିଖ ଦିନ ଡାକ୍ତର କହିଛନ୍ତି। ଯାହା ଶୁଣି ପରିବାର ଉପରେ ଚଡ଼କ ପଡ଼ିଛି। ବର୍ତ୍ତମାନ ସେଠାରେ ତାଙ୍କର କେମୋ ଚାଲିଛି। ଏବେ ପୁଣି ଏକ ଅସ୍ତ୍ରୋପଚାର ପାଇଁ ଆଉ ଅଧିକ ଟଙ୍କା ଦରକାର। ଟଙ୍କା ଉଧାର, ବାକି, ଋଣ ଏବଂ ବହୁତ ଲୋକଙ୍କ ସହଯୋଗରେ ପ୍ରଥମେ ମୋ ଭାଇର ଚିକିତ୍ସା ହୋଇଥିଲା। ବହୁତ କଷ୍ଟରେ ପ୍ରାୟ ୩୦ ଲକ୍ଷ ଟଙ୍କା ସଂଗ୍ରହ କରି ଚିକିତ୍ସା କରାଯାଇଛି। ମାତ୍ର ତାହା ବିଫଳ ହେଲା। ଆଜି ବ୍ରେନମେରୋ ଟ୍ରାନ୍ସପ୍ଲାଣ୍ଟର ୧୮୦ ଦିନ ପୂରଣ ହୋଇଛି। ମାତ୍ର ଚିକିତ୍ସା ସମୟରେ ହିଁ ପୁଣିଥରେ କର୍କଟ ବାହାରିଲା। ଚିକିତ୍ସା ପାଇଁ ଆଉ ପାଖରେ ଟଙ୍କା ମଧ୍ୟ ନାହିଁ। ହାତ ସମ୍ପୂର୍ଣ୍ଣ ଖାଲି ଆମର। ଏବେ ଚିକିତ୍ସା ପାଇଁ ୪୦/୫୦ ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି। ତେଣୁ ଲୋକଙ୍କର ସହଯୋଗ ହିଁ ଆମର ଏକମାତ୍ର ଭରସା। ନ ହେଲେ ଆମେ ସକ୍ଷମ ନୁହେଁ ଭାଇର ଚିକିତ୍ସା କରେଇବା ପାଇଁ ବୋଲି କେଶବଙ୍କ ଭଉଣୀ ପ୍ରମିଳା ରାଉତ କହିଛନ୍ତି। ତେବେ କେହି ଯଦି କେଶବଙ୍କୁ ସାହାଯ୍ୟ କରିବାକୁ ଚାହାଁନ୍ତି ତେବେ କେଶବ ରାଉତଙ୍କ ଫୋନ୍ ପେ ନମ୍ବର ୭୩୭୭୦୨୬୦୫୪ରେ ସହାୟତା ରାଶି ପଠାଇ ପାରିବେ।

# କରୁଣା ଗୌରୀ ଆଶ୍ରୟସ୍ଥଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର, ୨୫।୪(ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଦ୍ୱାରା ଡିଆଇସି ଭିଜିଟ୍ କରି ଚାର୍ଡସ କରୁଣା ଗୌରୀ ଆଶ୍ରୟସ୍ଥଳକୁ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ରେଜିଷ୍ଟ୍ରେସନ କରି ନମ୍ବର ପ୍ରଦାନ ଏବଂ ଶିଶୁ ଯତ୍ନ ଅନୁଷ୍ଠାନ ନିମନ୍ତେ ସ୍ୱୀକୃତି ପ୍ରଦାନ ପୂର୍ବକ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପ୍ରଦାନ ଦାବି କରି ଆଜି କରୁଣା ଗୌରୀ ଆଶ୍ରୟସ୍ଥଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ଅନୁଯାୟୀ, ଅକ୍ତିଆରପୁରସ୍ଥିତ ନୁଣିଆଯୋଡି ନିକଟରେ ଥିବା ଚାର୍ଡସ କରୁଣା ଗୌରୀ ଆଶ୍ରୟସ୍ଥଳରେ ୨୦୧୧ ମସିହାଠାରୁ ଅବହେଳିତ, ନିଷ୍ପେସିତ, ଅସହାୟ ପିଲା ମାନଙ୍କୁ ବିନା ମୂଲ୍ୟରେ ରହଣି, ଖାଦ୍ୟ ପାନୀୟ, ସ୍ୱାସ୍ଥ୍ୟ, ପୋଷାକ, ଉତ୍ତମ ପରାମର୍ଶ ଏବଂ ଶିକ୍ଷା ଯୋଗାଇ ଦିଆଯାଉଛି। ପିଲାମାନେ ରହୁଥିବାରୁ ଉକ୍ତ ଅନୁଷ୍ଠାନକୁ ରେଜିଷ୍ଟ୍ରେସନ କରିବା ପାଇଁ ୧୧.୬.୨୦୧୮, ୨.୩.୨୦୧୯ ଏବଂ ୨୦.୮.୨୦୧୯ ରେ ଫୋର୍ମ-୨୭, ରୁଲ୍ ୨୧(୨) ଆଣ୍ଡ ୨୨(୨) ରେ ଦରଖାସ୍ତ କରିଥିବା ବେଳେ ୧୮.୯.୨୦୨୦ ରେ ଅନୁଷ୍ଠିତ ଡିଏଲପିଏସିରେ ଉକ୍ତ ଅନୁଷ୍ଠାନରେ ଓପନ ସେଲଟର୍ ଖୋଲିବା ନିମନ୍ତେ ସିଦ୍ଧାନ୍ତ ଗ୍ରହଣ କରାଯାଇ ୨୨.୯.୨୦୨୦ ରେ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ପୂର୍ବତନ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ୨୪.୨.୨୦୨୩ ରେ ଡିଆସି ଭିଜିଟ୍ କରି ରିପୋର୍ଟ ଦେଇଥିଲେ। ଏଥିସହିତ ୫-ଟି ସଚିବ ତଥା ଅଧ୍ୟକ୍ଷଙ୍କୁ ୨୨.୬.୨୦୨୩ରେ ଦରଖାସ୍ତ ଦେବା ପରେ ରେମୁଣା ବିଡିଓଙ୍କ ଦ୍ୱାରା ୧୪.୮.୨୦୨୩ ଏବଂ ବାଲେଶ୍ୱର ପୌର ପରିଷଦ ଅଧିକାରୀଙ୍କ ଦ୍ୱାରା ୨୧.୮.୨୦୨୩ ରେ ତଦନ୍ତ କରି ରିପୋର୍ଟ ଦେଇଥିଲେ। ଜିଲ୍ଲାପାଳଙ୍କଠାରୁ ପତ୍ର ସଂଖ୍ୟା ୨୪୭ ୩୧.୧.୨୦୨୪ରେ ଡିସିପିଓଙ୍କୁ ତୁରନ୍ତ ପଦକ୍ଷେପ ୭ ଦିନ ମଧ୍ୟରେ ନେବା ନିମନ୍ତେ ଚିଠି ଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଇ ପଡ଼ିରହିଛି। ଡିସିପିଓଙ୍କ ଦାୟିତ୍ୱ ହୀନତା ପାଇଁ ରେଜିଷ୍ଟ୍ରେସନ ନମ୍ବର ନମିଳିବା ଦୁର୍ଭାଗ୍ୟ ଜନକ ଏବଂ ବାଲେଶ୍ୱର ଡି ସି ପି ୟୁ ଙ୍କୁ ତୁରନ୍ତ ସି ସି ଆଇ ମାନ୍ୟତା ପ୍ରଦାନ ନିମନ୍ତେ ନିର୍ଦ୍ଦେଶ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି ଆଶ୍ରୟସ୍ଥଳ ସେକ୍ରେଟାରୀ କହିଛନ୍ତି। ଏଣୁ ୨୦୧୮ ମସିହାଠାରୁ ୨୦୨୪ ମଧ୍ୟରେ ଜିଲ୍ଲାପାଳଙ୍କ ଠାରୁ ରାଜ୍ୟପାଳଙ୍କ ପର୍ଯ୍ୟନ୍ତ ସହାୟତା ଆବେଦନ ପତ୍ରଗୁଡ଼ିକୁ ବିଚାର କରି 'ଶିଶୁ ଯତ୍ନ ଅନୁଷ୍ଠାନ' ନିମନ୍ତେ ସ୍ୱୀକୃତି ପ୍ରଦାନ ପୂର୍ବକ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ଓ ନମ୍ବର ପ୍ରଦାନ କରିବା ନିମନ୍ତେ ନିବେଦନ କରିଛନ୍ତି। ଫଳରେ ଶିଶୁ ମଙ୍ଗଳ କମିଟିରେ ହାଜର କରାଇ ପିଲାମାନଙ୍କୁ ଅନଲାଇନ କରି ନିୟମ ମୁତାବକ ରଖିପାରିବୁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ହଜିଯାଇଛି ମାନବିକତା
# ତିନି ପୁଅ ଥାଇ ଅଲୋଡ଼ା ବୃଦ୍ଧା ମା'

ବାଲେଶ୍ୱର(ଉତ୍ତର), ୨୫।୪(ସମିସ):



ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ।ଏହି ଫକ୍ତିର ଯଥାର୍ଥତା ଆଜିର ସମାଜରେ ଅର୍ଥହୀନ ହୋଇଛି। ଯେଉଁ ସନ୍ତାନକୁ ମାଆ ଦଶମାସ, ଦଶଦିନ ଗର୍ଭବେଦନା ସହି ଜନ୍ମ ଦେଇଥାଏ ପରବର୍ତ୍ତୀ ସମୟରେ ସନ୍ତାନର ମୁରୁକି ମୁରୁକି ହସ ଦେଖି ସବୁ କଷ୍ଟ ଯନ୍ତ୍ରଣାକୁ ଭୁଲିଯାଇଥାଏ। ଆଶା ଥାଏ ପୁଅ ହେଉ କିମ୍ବା ଝିଅ ତାର ବୃଦ୍ଧା ସମୟରେ ଟିକେ ସାହା ହେବ।ମାଆକୁ ମମତାର ମୂଲ ମିଳିବ। ସେଥିପାଇଁ ମାଆ ସବୁ ଦୁଃଖ କଷ୍ଟକୁ ପଛକୁ ପକାଇ ତାର ପୁଅ ଝିଅ କୁ ଶିଶୁ ଅବସ୍ଥାରୁ ଯୁବାବସ୍ଥା ପର୍ଯ୍ୟନ୍ତ ଲାଳନ ପାଳନ କରି ସମାଜରେ ପ୍ରତିଷ୍ଠିତ କରାଇଥାଏ। ମାତ୍ର ସମ୍ପ୍ରତି ତାହାର ବ୍ୟତିକ୍ରମ ଘଟୁଥିବା ଦେଖିବାକୁ ମିଳୁଛି।ଏହିଭଳି ଜଣେ ମାଆଙ୍କ କରୁଣ କାହାଣୀ ଲୋକଲୋଚନକୁ ଆସିଛି ଯାହା ସଭ୍ୟ ସମାଜର ପ୍ରକୃତ ରୂପକୁ ପଦାରେ ପକାଇଛି। ତିନି ରୋଜଗାରିଆ ପୁଅ ଥାଉ ଥାଉ ଆଜି ଅଲୋଡ଼ା ହୋଇପଡ଼ିଛି ବୃଦ୍ଧା ମା। ଦୁଆର ପିଣ୍ଡାରେ ବସି ନିଜର ମା ପଣିଆକୁ ଧିକ୍କାର କରୁଛି ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ନହରା ପଞ୍ଚାୟତ ବଡ଼ ମନ୍ଦାରୁଣି ଗାଁର ସ୍ୱର୍ଗତ ଶ୍ରୀହରି ରାଜ ଙ୍କ ପତ୍ନୀ ବାସନ୍ତୀ। ମାଆ ବାସନ୍ତୀଙ୍କ କ୍ଷେତ୍ରରେ ଫିକା ପଡ଼ିଯାଇଛି ଦଶ ମାସ ଦଶ ଦିନର ଗର୍ଭ ଯନ୍ତ୍ରଣା। ବୟସ ଅପରାହ୍ନରେ ଚାଲିବା ପାଇଁ ଦେହରେ ବଳ ନାହିଁ କାନକୁ ଅଳ୍ପ ଶୁଭୁଛି, ମୁଣ୍ଡ ବି ଠିକ ସେ କାମ କରୁନି, ପାଟି ରୁ ଭଲ ସେ କଥା ବି ବାହାରୁନି ହେଲେ ବୋଲ ମାନୁନି ଆଖିର ଲୁହ, ମନର ଯନ୍ତ୍ରଣା ଓ ପେଟ ର ଭୋକ। ସତରେ କଣ ଜନ୍ମଦାତ୍ରୀ ମାଆ ଏଭଳି ଅଲୋଡା ହୋଇଥାଏ। ପ୍ରକାଶ ଯେ ବଡ଼ମନ୍ଦାରୁଣି ଗ୍ରାମର ସ୍ୱର୍ଗତ ଶ୍ରୀହରି ରାଜଙ୍କ ବିଧବା ପତ୍ନୀ ବାସନ୍ତୀ ରାଜଙ୍କ ପରିବାର କହିଲେ ତିନି ପୁଅ ତିନି ବୋହୂ ନାତି ନାତୁଣୀ ବି ରହିଛନ୍ତି। ବଡ଼ ପୁଅ ବନମାଳୀ ରାଜ ଚାଷ କାର୍ଯ୍ୟ କରିଥାନ୍ତି, ମଝିଆ ପୁଅ ଗୌରହରି ରାଜ ତାଙ୍କ ପରିବାର ସହିତ ଶ୍ରମିକ ଭାବରେ ବିଶାଖାପାଟଣା ରେ କାମ କରନ୍ତି, ସାନ ପୁଅ ନିତ୍ୟାନନ୍ଦ ରାଜ କମର୍ଦ୍ଦା ବଜାରରେ ମଟର ସାଇକେଲ ଗ୍ୟାରେଜ ସହିତ ଜୀବନ ବୀମା ଏଜେଣ୍ଟ। ଦୁଇ ମହଲା କୋଠା। ତିନି ରୋଜଗାରିଆ ପୁଅ ଥାଇ ଆଜି ଅଲୋଡ଼ା ହୋଇଛନ୍ତି ମାଆ ବାସନ୍ତୀ। ବାପାଙ୍କ ଦେହାନ୍ତ ହେବାର କିଛିଦିନ ପରେ ମାଆ କଥା କିଏ ବୁଝିବ ଏହାକୁ ନେଇ ତିନି ପୁଅଙ୍କ ମଧ୍ୟରେ ଛକା ପଞ୍ଝା ଚାଲିବା ପରେ ଗାଁର ବିଚାରକ ମାନେ ଗାଁ ରେ ବସି ବୃଦ୍ଧା ମା'କୁ ତିନି ପୁଅ ଭିତରେ ଭାଗ ବଣ୍ଟା କରିଥିଲେ। ବିଚାରରେ ସିଦ୍ଧାନ୍ତ ହୋଇ ଥିଲା କି ତିନି ପୁଅ ପାଖରେ ମାସେ ମାସେ ଲେଖାଏ ବୃଦ୍ଧ ମାଆ ରହିବେ ବୋଲି। ତଦନୁଯାୟୀ ମାଆ ବାସନ୍ତୀ ପ୍ରତ୍ୟେକ ପୁଅ ପାଖରେ ମାସେ ମାସେ ଧରି ରହୁଥିଲେ। ମାତ୍ର ଚଳିତ ମାସ ବାହାରେ ରହୁଥିବା ମଝିଆ ପୁଅ ଗୌରୀହରିଙ୍କ ପାଖରେ ରହିବା କଥା କିନ୍ତୁ ତାଙ୍କ ପୁଅର ପରୀକ୍ଷା ଚାଲି ଥିବାରୁ ଅସୁବିଧା ବଶତଃ ଘରକୁ ଆସି ପାରି ନଥିଲା। ମାତ୍ର ବଡ଼ପୁଅ ବନମାଳୀ କିଛି ନଶୁଣି ମାଆ ଙ୍କୁ ଆଣି ମଝିଆଁ ପୁଅର କଣ୍ଡାଳିଆ ଗ୍ରାମସ୍ଥିତ ନୂଆ ଘର ପିଣ୍ଡାରେ ଛାଡ଼ି ଦେଇ ଚାଲି ଯାଇଥିଲେ। ଅସହ୍ୟ ଗରମ ଓ ତାତିରେ ବାସନ୍ତୀ ମଝିଆ ପୁଅ ଘର ଦୁଆର ପିଣ୍ଡାରେ ଭୋକ ଉପାସରେ ବସି ଥିବାର ଦେଖି ତାଙ୍କ ସମ୍ପର୍କୀୟ ଜଣେ ପୁତୁରା ନିଜ ଦୋକାନରୁ ଖାଦ୍ୟ ଆଣିଦେଇଥିଲେ। ଅନ୍ୟପକ୍ଷରେ ସାନ ପୁଅ ନିତ୍ୟାନନ୍ଦ ବାସନ୍ତୀଙ୍କ ନାମରେ ଥିବା ରେସନକାର୍ଡରେ ଚାଉଳ, ଇନ୍ଦିରା ଆବାସ, କାଳିଆ ଯୋଜନାର ଟଙ୍କା ନେଉଥିବା ବେଳେ ଏଭଳି ଅସୁବିଧାରେ ସେ ମାଆ ବାସନ୍ତୀଙ୍କ କଥା ସେ ବୁଝୁ ନାହାନ୍ତି। ଫଳରେ ତାଙ୍କୁ ବାର ଦୁଆର ବୁଲିବାକୁ ପଡୁଛି। ବାସନ୍ତୀ ତିନି ପୁଅକୁ ଜନ୍ମ ଦେଇ ସ୍ନେହ ମମତା ଦେଇ ଲାଳନ ପାଳନ କରି ଆଜି ଦୁନିଆ ରେ ଛିଡ଼ା କରାଇଥିବା ବେଳେ ପୁଅ ମାନେ ତାଙ୍କୁ ଭାଗ ବାଣ୍ଟିବା କେତେ ଯଥାର୍ଥ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶେଷରେ ଗାଁ ଲୋକଙ୍କ ପରାମର୍ଶ କ୍ରମେ ସାନପୁଅ ନିତ୍ୟାନନ୍ଦ ତାଙ୍କ ମାଆକୁ ସେଠାରୁ ନେଇ ନିଜ ଘରେ ରଖିଥିବା ଜଣାପଡ଼ିଛି।

## ନିମାତପୁରରେ ମନସା ଦେବୀଙ୍କ ପୂଜାଉତ୍ସବ



ଚୌକି, ୨୫।୪(ସମିସ) : ଭୋଗରାଇ ବ୍ଲକ ନିମାତପୁର ଗ୍ରାମରେ ତ୍ରିଦିବସୀୟ ମନସା ଦେବୀଙ୍କ ପୂଜା ଉତ୍ସବ ଉଦଯାପିତ ହୋଇଯାଇଛି। ଗ୍ରାମର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଗତ ୨୦୦୮ ମସିହାରୁ ଏହି ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଅଛି। ଗତ ସୋମବାର ସ୍ଥାନୀୟ ଘୋଡ଼ାଗଡ଼ିଆ ଜଳାଶୟରୁ ଦେବୀଙ୍କ ଘଟ ବିଧି ମୁତାବକ ଉତ୍ତୋଳନ ହୋଇ ଏକ ବିଶାଳ ପାଟୁଆରରେ ଘଣ୍ଟ ଘଣ୍ଟା, ମୃଦଙ୍ଗ, ଝାଞ୍ଜର ତାଳେ ତାଳେ ବାଜା ରୋଶଣୀ କରି କ୍ଲବର ସଦସ୍ୟ ଓ ଗ୍ରାମବାସୀ ମିଳିତ ଭାବରେ ପୂଜା ମଣ୍ଡପରେ ପହଞ୍ଚି ନୀତିକାନ୍ତିର ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମଙ୍ଗଳବାର ଦେବୀଙ୍କ ଷୋଡ଼ଶ ଉପଚାର ପୂଜା ହେବା ସହିତ ରାତ୍ରିରେ ମନସା ମଙ୍ଗଳ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳେ ନୀତିକାନ୍ତି ସମାପନ ପରେ ଦେବୀଙ୍କୁ ବିସର୍ଜନ କରାଯାଇଥିଲା। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କ୍ଲବର ସଭାପତି ମାନସ ଦାସ, ସମ୍ପାଦକ ବିଶ୍ୱରଞ୍ଜନ ଜେନା, କୋଷାଧ୍ୟକ୍ଷ ଗଣେଶ ଦଳାଇଙ୍କ ସହିତ ସନ୍ୟାସୀ ଦାସ, କାର୍ତ୍ତିକ ଦଳାଇ, ମନୋଜ ଦଳାଇ, ଦେବାଶିଷ ଚକ୍ରବର୍ତ୍ତୀ, ସଞ୍ଜିତ ପରିଡ଼ା, ରାଜେନ୍ଦ୍ର ପରିଡ଼ା, ପରିତୋଷ ଦତ୍ତ, କରଣ ଜେନା, ଗୌତମ ଜେନା, ଚନ୍ଦନ ଜେନା, ସତ୍ୟଶିବମ ଦାସ, ଶୁଭମ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଅଘଟଣକୁ ଡାକୁଛି ଅଧାକଟା ବୃକ୍ଷ



ନୀଳଗିରି, ୨୫।୪(ସମିସ): ନୀଳଗିରି ମେଡିକାଲର ପଶ୍ଚିମ ପାଖରେ ରୋଗୀଙ୍କ ପାଇଁ ବ୍ୟବହୃତ କେବିନ ପାଖକୁ ଲାଗି ମୂଲ୍ୟବାନ ଔଷଧୀୟ ବୃକ୍ଷକୁ ମେଡିକାଲ କର୍ତ୍ତୃପକ୍ଷ ଅଧା କାଟି ଛାଡି ଦେଇଛନ୍ତି। ଏଥିରେ ବିପଦ ଦେଖାଦେଇଛି। ବିବରଣୀ ଅନୁଯାୟୀ, ଗତ ୨୨ତାରିଖ ସୋମବାର ଦିନ ମେଡିକାଲ ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସରୋଜିନୀ ପ୍ରଧାନ, ପ୍ରୋଗ୍ରାମିଙ୍ଗ ଅଫିସର ବିଶ୍ୱଜିତ ଦାସ, ଡାକ୍ତର ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କ ଉପସ୍ଥିତିରେ ଏହି ପୁରୁଣା ଔଷଧୀୟ ବୃକ୍ଷକୁ କାଟୁ କାଟୁ ଅଧା କାଟି ଛାଡି ଦେଇଛନ୍ତି। ଏବେ କାଳବୈଶାଖୀ ଝଡ ସହିତ ଅଧା କଟା ବୃକ୍ଷ ଟି ଯେ କେତେବେଳେ କେଉଁ ଦିଗକୁ ପଡ଼ିବ ତାହା କହି ହେବ ନାହିଁ। ଏଥିସହିତ ଏହି ଗଛର ଦୁଇ ପାର୍ଶ୍ୱରେ ରୋଗୀଙ୍କ ପାଇଁ ଦେୟ ଯୁକ୍ତ କ୍ୟାବିନରେ ରୋଗୀ ମାନେ ଥିବାରୁ ମହା ବିପଦକୁ ଟାଣି ଆଣିଛି। କେଉଁ ପରିସ୍ଥିତିରେ ଓ କେଉଁ ଉଦ୍ଦେଶ୍ୟ ରଖି ଗଛଟିକୁ ଅଧା କାଟି ଛାଡି ଦିଆ ଯାଇଛି ତାହା ସଭିଙ୍କୁ ଆଶ୍ଚର୍ଯ୍ୟ କରିଛି। ତୁରନ୍ତ ଗଛକୁ ନ କାଟିଲେ ଏକ ବିପଦକୁ ଏଡାଇ ଦିଆ ଯାଇନପାରେ ବୋଲି ଚର୍ଚ୍ଚା ଜୋର ଧରିଛି।

## ଶ୍ରୀରାମପୁର ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ବାଲିଆପାଳ, ୨୫।୪ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ରେମୁଁ ଗ୍ରାମର ୪ଟି ୱାର୍ଡର ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ତଥା ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ଙ୍ଗ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ନବୀନ ପଟ୍ଟନାୟକଙ୍କୁ କ୍ରମାଗତ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ସହ ବସ୍ତା ନିର୍ବାଚନ ମଣ୍ଡଳୀର ସେବା କରିବା ପାଇଁ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ଏବଂ ବାଲେଶ୍ୱରର ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରି ଆଶୀର୍ବାଦ ଏବଂ ସହଯୋଗ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା କ?ଷକ ସେଲ ସଭାପତି ଅଜୟ ସାମଲ, ୨୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ, ସମିତିସଭ୍ୟା ଅଞ୍ଜଳି ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମମତାରାଣୀ ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ ଝାଡେଶ୍ୱର ବେହେରା, ଯୁବନେତା ଶିବାନନ୍ଦ ଦାସ ଅଧିକାରୀ, ରତ୍ନାକର ନନ୍ଦୀ, ବନମାଳୀ ବେହେରା, ଭଗୀରଥ ଗିରି, ଗଙ୍ଗାଧର ପାତ୍ର, ଗୌରମୋହନ ଜେନା, ଯଚିନ୍ଦ୍ର ସାହୁ, ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଓ ଶହ ଶହ ମହିଳା ପୁରୁଷ କର୍ମୀ ଉପସ୍ଥିତ ଥିଲେ।

## ଅଂଶୁଘାତ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ

ଚନ୍ଦନେଶ୍ୱର, ୨୫।୪ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ସମୁଦ୍ର ଉପକୂଳବର୍ତ୍ତୀ ବିଚିତ୍ରପୁର ଜନ କଲ୍ୟାଣ ସ୍ୱେଚ୍ଛାସେବୀ ସଂଘ ଆନୁକୂଲ୍ୟରେ ଅଂଶୁଘାତରୁ ପ୍ରତିରୋଧ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଶ୍ରଦ୍ଧାପୁର ଗ୍ରାମ ପଞ୍ଚାୟତର ଶ୍ରଦ୍ଧାପୁର ହାଟ ଓ ରଣସିଂହପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଘର ସଭାପତି ଧନଞ୍ଜୟ ପାତ୍ରଙ୍କ ନିର୍ଦ୍ଦେଶରେ ସଂଘର ସମ୍ପାଦକ ରାଜ କୁମାର ପାତ୍ର(ବାପି) ସଂଯୋଜନା କରି ସତର୍କତା ଦ୍ୱାରା ଅଂଶୁଘାତକୁ ପ୍ରତିରୋଧ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ।
ଶ୍ରଦ୍ଧାପୁର ହାଟ, ରଣସିଂହପୁର ଛକ, ବିଚିତ୍ର ପୁର ପ୍ରକୃତି ନିବାସ, ରଣକୋଠାବଙ୍ଗଳା ଛକ ଆଦି ସ୍ଥାନରେ ଦହିସର୍ବତ ବଣ୍ଟନ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜନକଲ୍ୟାଣ ସ୍ୱେଚ୍ଛାସେବୀ ସଂଘର ସହସମ୍ପାଦିକା ଅନୁରାଧା ମହାନ୍ତି, ସଦସ୍ୟା ଛବିରାଣୀ ପ୍ରଧାନ, ମଞ୍ଜୁଲତା କର, କଲ୍ୟାଣି ବେହେରା, ମଞ୍ଜୁଲତା ପାତ୍ର, କମଳା ବେହେରା, ପ୍ରଶାନ୍ତ ଜେନା, ନଗେନ୍ଦ୍ର ଜେନା, ଘନଶ୍ୟାମ ନାୟକ, ରାମକୃଷ୍ଣ ପାତ୍ର, ରାଧାକାନ୍ତ ନାୟକ, ସୁତପା ପାତ୍ର, ଜ୍ୟୋତିପ୍ରକାଶ ପଣ୍ଡା, ଭଗବାନ ସେଠୀ, ଭୁବନ ଚନ୍ଦ୍ର ପାତ୍ର, ସଞ୍ଜୀବ ପ୍ରଧାନ, ହରିହର ମହାନ୍ତି, ତପନ ମଣ୍ଡଳ, ବନମାଳୀ ଦାସ ପ୍ରମୁଖ ସଂଘର ସମସ୍ତ ସଭ୍ୟ-ସଭ୍ୟା ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ସାରୁଗାଁରେ କଂଗ୍ରେସର ନିର୍ବାଚନୀ ପ୍ରଚାର



ଖଇରା, ୨୫।୪ (ସମିସ): ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସମର୍ଥକଙ୍କ ସହ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଭୋଟରଙ୍କୁ କଂଗ୍ରେସ ଗ୍ୟାରେଣ୍ଟି ବିଷୟରେ ଅବଗତ କରାଉଥିବା ଦେଖିବାକୁ ମିଳିଛି। ଗୁରୁବାର ସାରୁଗାଁ ପଞ୍ଚାୟତର ତିଳଦା ଗ୍ରାମରେ ଘରକୁ ଘର ବୁଲି କଂଗ୍ରେସର ସ୍ଲୋଗାନ ଉନ୍ନତି, ନ୍ୟାୟ ଓ ଅଧିକାର ଉପରେ ବୁଝାଇଥିଲେ। ଅନ୍ୟତମ ନେତୃବୃନ୍ଦ ନିରଞ୍ଜନ ପରିଡ଼ା, ପ୍ରଫୁଲ୍ଲ କୁମାର ସାହୁ, ତପନ ଦାସ, ବାବୁଲି ଜେନା, ବିଶ୍ୱଜିତ ରାଉଳ ପ୍ରମୁଖ ସଚେତନ କରାଇଥିଲେ। ସ୍ଥାନୀୟ କଂଗ୍ରେସ ନେତା ଜଗବନ୍ଧୁ ନାୟକ, ରତ୍ନାକର ଦାସ, ଅଲେକ ଓଝା, ସତ୍ୟାନନ୍ଦ ଓଝା ଓ ଅନାଦି ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଜାଗାରୁ ଗଛ କାଟିନେଲେ ୱାର୍ଡସଭ୍ୟ



ଚୌକି, ୨୫।୪(ସମିସ) : ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ସେହି ଗ୍ରାମର ୱାର୍ଡସଭ୍ୟ ସରକାରୀ ଜାଗାରେ ଗଛ କାଟିନେଇ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଗତ ବୁଧବାର ମନ୍ଦାରସାହି ପଞ୍ଚାୟତ ୯ ନମ୍ବର ୱାର୍ଡର ୱାର୍ଡସଭ୍ୟ ଜନ୍ମଜୟ କରଣ ସରକାରୀ ଜାଗାରେ ଗଛ କାଟୁଥିବା ସମୟରେ ସେହି ଗ୍ରାମର ସମାଜସେବୀ ଜୀବନକୃଷ୍ଣ କରଣ ତାଙ୍କୁ ସରକାରୀ ଜାଗାରେ ଗଛ କାଟିବା ପାଇଁ ବାରଣ କରିଥିଲେ। ମାତ୍ର ଜୀବନକୃଷ୍ଣଙ୍କ କଥା ସେ ଶୁଣି ନଥିଲେ। ପରେ ଜୀବନକୃଷ୍ଣ ଦେଉଳା ରାଜସ୍ୱ ନିରୀକ୍ଷକଙ୍କୁ ଖବର ଦେଇଥିଲେ। ଗୁରୁବାର ସକାଳେ ଦେଉଳା ରାଜସ୍ୱ ନୀରିକ୍ଷକ ମନୋଜ୍ କୁମାର ସେଠୀ ଗଛ ପାଖରେ ପହଞ୍ଚି କଟାଯାଇଥିବା ଦୁଇଟି ଆକାଶିଆ ଗୋଟିଏ ଆମ୍ବ ଓ ଗୋଟିଏ ଝାଉଁ ଗଛକୁ ଜବତ କରି ଗ୍ରାମର କମଳାକାନ୍ତ କରଣ, ଅନାଦି କରଣ ଲକ୍ଷ୍ମୀକାନ୍ତ କରଣ, ବରେନ୍ଦ୍ର କରଣ ଓ ପଞ୍ଚାନନ କରଣଙ୍କୁ ଜିମା ଦେଇ ଥିଲେ। ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଦେଉଳା ରାଜସ୍ୱ ନିରୀକ୍ଷକ ଗ୍ରାମ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ଚଡ଼କ ପର୍ବ ଶୁଭାରମ୍ଭ

ଭୋଗରାଇ, ୨୫।୪ (ସମିସ) :



● ମଇ ୨ ଗୁରୁବାର ମହାନୀଳ, ୩ ତାରିଖ ଶୁକ୍ରବାର ପାଟପର୍ବ

ଭୋଗରାଇ ବ୍ଲକର ଦେଉଳା ପଞ୍ଚାୟତ ଅନ୍ତର୍ଗତ ବାଲେଶ୍ୱର ଜିଲ୍ଲାର ସର୍ବବୃହତ ତଥା ସର୍ବପ୍ରାଚୀନ ବାଣିଜ୍ୟିକ କେନ୍ଦ୍ର ଭାବେ ପରିଚିତ ଦେଉଳା ହାଟରେ ଅବସ୍ଥିତ ତଥା ଏତଦ୍ ଅଞ୍ଚଳର ଆରାଧ୍ୟ ଦେବତା ଦେବାଧିଦେବ ମହାଦେବଙ୍କ ସର୍ବପୁରାତନ ଆସ୍ଥାନ ଭାବେ ସୁଖ୍ୟାତି ଅର୍ଜନ କରିଥିବା ବାବା ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ବାର୍ଷିକ ଉତ୍ସବ 'ଚଡ଼କ ପର୍ବ' ବୁଧବାର ଶୁଭାରମ୍ଭ ହୋଇଛି। ଆସନ୍ତା ମଇ ୨ ତାରିଖ ଗୁରୁବାର ମହାନୀଳ ପର୍ବ ପାଳନ ହେବା ସହିତ ମଇ ୩ ତାରିଖ ଶୁକ୍ରବାର ପାଟପର୍ବ ମାଧ୍ୟମରେ ଏହି ଚଡ଼କ ପର୍ବ ସମାପନ ହେବ। ପ୍ରତିବର୍ଷ ପରି ବାବା ଅନନ୍ତ ପୁରୁଷୋତ୍ତମ ମହାଦେବଙ୍କ ଶୈବପୀଠରେ ମହାଆଡ଼ମ୍ବରରେ ଏହି ଚଡ଼କ ପର୍ବ ପାଳନ ହେବାକୁ ଥିଲା ବେଳେ ଦେଉଳା ହାଟ ବଜାର ବାସୀଙ୍କ ସମେତ ୨୧ଟି ମୌଜାର ଗ୍ରାମବାସୀଙ୍କ ସହଯୋଗରେ ଏହି ବାର୍ଷିକ ଉତ୍ସବ ପାଟପର୍ବ ଅନୁଷ୍ଠିତ ହେଉଛି। ଏହି ପବିତ୍ର ପୀଠର ନୀତିକାନ୍ତି ଅନୁଯାୟୀ ମଙ୍ଗଳବାର ଭୋର ବୁଧବାର ପାଟଭକ୍ତଙ୍କ ସହିତ ଅନ୍ୟ ୧୩ ଜଣ ହୁଦାଧାରୀ ଭକ୍ତ ଓ ମାନସିକ ଭକ୍ତ ଉପବୀତ ଧାରଣ କରିବା ସହିତ ହାକାଣ୍ଡ ପୋଖରୀରୁ ଶିବ ଦୂର୍ଗାଙ୍କ ଘଟଉତ୍ତୋଳନ କରିଥିଲେ। ପ୍ରଥା ଅନୁଯାୟୀ ଏହି ଚଡକ ପର୍ବର ମୁଖ୍ୟ ଅଂଶ ଭାବେ ଏପ୍ରିଲ ୨୭ ତାରିଖ ଶନିବାର ୭ମ ଅର୍ଘ୍ୟ, ଏପ୍ରିଲ ୨୯ ତାରିଖ ସୋମବାର ୫ମ ଅର୍ଘ୍ୟ, ମଇ ୨ ତାରିଖ ଗୁରୁବାର ଚାରିସେବା ଓ ମହାନୀଳ ପର୍ବ ଏବଂ ମଇ ୩ ତାରିଖ ଶୁକ୍ରବାର ପବିତ୍ର ମହା ପାଟପର୍ବ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ଚଡ଼କ ପର୍ବର ଉଦଯାପନୀ ଉତ୍ସବ ପାଟପର୍ବରେ ମନ୍ଦିରର ନୀତିକାନ୍ତି ଅନୁଯାୟୀ ସମସ୍ତ ଉପବୀତଧାରୀ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ବିଭିନ୍ନ ପାରମ୍ପାରିକ ବାଦ୍ୟ ଓ ଢାକ, ଢୋଲ, ମୃଦଙ୍ଗ୍ ଓ ବ୍ୟାଣ୍ଡ ବାଦ୍ୟର ତାଳେ ତାଳେ ହାକାଣ୍ଡ ପୋଖରୀଠାରୁ ମାଳାଚନ୍ଦନୀ ସହିତ ପଞ୍ଚମୁଣ୍ଡିଆ ଦୋଳ, ଦଶନଖୀ ଧୂଣା ନିଆଁ, ଶରୀର ଓ ଜ?ିହାରେ ହଜାର ହଜାର ଲୁହା କଣ୍ଟା ଫୋଡି ନୃତ୍ୟରତ କଣ୍ଟା ପାଟୁଆଙ୍କ ଆକର୍ଷଣୀୟ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାକୁ ଉପଭୋଗ କରିବା ପାଇଁ ସମଗ୍ର ଭୋଗରାଇ ବ୍ଲକ ସମେତ ପଡୋଶୀ ପଶ୍ଚିମବଙ୍ଗର ଦୀଘା, ରାମନଗର ଓ ଏଗ୍ରା ଥାନା ଅଞ୍ଚଳର ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଇଛି। ବୁଧବାର ପବିତ୍ର ଘଟଉତ୍ତୋଳନ କାର୍ଯ୍ୟକ୍ରମରେ ଅନନ୍ତ ପୁରୁଷୋତ୍ତମ ବିକାଶ ପରିଷଦ ତଥା ବଜାର କମିଟି ସଭାପତି ଶକ୍ତିପଦ ଦାସ ମହାପାତ୍ର, ସେବାୟତ ଉମାପତି ପଣ୍ଡା, ସୁକୁମାର ପଣ୍ଡା, ପ୍ରଦୀପ ପଣ୍ଡା, ଦିଲ୍ଲୀପ ପଣ୍ଡା ଓ ଦେବାଶିଷ ପଣ୍ଡା, ପୂର୍ବତନ ସରପଞ୍ଚ ଅରୁଣ ପ୍ରଧାନ ଓ ସୁକୁମାର ଜେନା, ବଜାର କମିଟି ସମ୍ପାଦକ ଅରବିନ୍ଦ ତୋଳା, ସଦସ୍ୟ ପ୍ରଭୁରାମ ଦାସ, ଜଗନ୍ନାଥ ବେଜ, ପୁଲକ ପାଳ, ରମେଶ ପାତ୍ର, ଚତୁର୍ଭୁଜ ଜେନା, ପ୍ରଦୀପ ପ୍ରଧାନ, ସଞ୍ଜୟ ତୋଳା, ଜଗନ୍ନାଥ ମହାନ୍ତି, ନାରାୟଣ ବେହେରା, ପ୍ରଦୀପ ଦିଣ୍ଡା, ଗୌତମ ଦାସ, ଅନାଦି ରଞ୍ଜନ ଦାସ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଖଇରା ମହାବିଦ୍ୟାଳୟରେ ସଂସ୍କୃତ ବିଭାଗ ପକ୍ଷରୁ ପାଠଚକ୍ର

ଖଇରା, ୨୫।୪ (ସମିସ): ବାଲେଶ୍ୱର ଜିଲାର ଅନ୍ୟତମ ଅଗ୍ରଣୀ ଖଇରା ବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ଏକ ସେମିନାର ବା ପାଠଚକ୍ର ଗୁରୁବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଡ କମଳାକାନ୍ତ ପତି ଏଥିରେ ପୌରୋହିତ୍ୟ କରିଥିଲେ। ଶୀର୍ଷକ 'ଭାରତୀୟ ଜ୍ଞାନର ମୂଳଉତ୍ସ ବେଦ' ଉପରେ ବିଭାଗୀୟ ଅଧ୍ୟାପକ ନିରଞ୍ଜନ ପଣ୍ଡା ବକ୍ତବ୍ୟ ରଖି ଚତୁର୍ଦ୍ଦଶ ବିଦ୍ୟା ଚତୁଷଷ୍ଠୀକଳାର ଉଦ୍‌ଗମ ସ୍ଥାନ ବେଦ ବୋଲି ଅଭିହିତ କରି ବେଦ ହିଁ ସାଧାରଣ ମଣିଷକୁ ଆଦର୍ଶ ମାନବରେ ପରିଣତ କରିବାରେ ସମର୍ଥ ବୋଲି ପ୍ରକାଶ କରିଥିଲେ। ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଶିର୍ଷକ ଉପରେ ଆଲୋଚନା ରଖି ଏହି ପୁଣ୍ୟଶାସ୍ତ୍ରକୁ ପଠନ କରିବା ମାତ୍ରେ ମଣିଷ ପ୍ରଜ୍ଞାବାନ ହୋଇ ଏକ ଆଦର୍ଶ ରାଷ୍ଟ୍ର ନିର୍ମାଣ କରିବାରେ ସମର୍ଥ ହୋଇଥାଏ ବୋଲି ଉଲ୍ଲେଖ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ଡ ସୁଜିତ କୁମାର ଛାଟିଆ ଭାଷଣରେ ଆଜିର ମଣିଷ ଅପରା ବିଦ୍ୟା ଅର୍ଥାତ ଜାଗତିକ ବିଦ୍ୟାରେ ନିଜକୁ ସମର୍ପିତ ନକରି ପରା ବିଦ୍ୟାରେ ନିୟୋଜିତ କରି ପାରିଲେ ବିଶ୍ୱରୁ ଯୁଦ୍ଧ ହିଂସାର ଅନ୍ତଃ ହୋଇ ପାରନ୍ତା ବୋଲି ସୁଚିନ୍ତିତ ପରାମର୍ଶ ଦେଇଥିଲେ। ବିଭାଗୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସନ୍ଦର୍ଭ ପାଠ କରାଯାଇଥିଲା। ଅଧ୍ୟାପକ ଯୁଗଳ କିଶୋର ଗାହାଣ, ନାକ୍ ସଂଯୋଜକ ବନମାଳୀ ବାରିକ, ଶଶିକାନ୍ତ ପଣ୍ଡା, ଅକ୍ଷାଂଶୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ମହାମିଶ୍ରଣ

# ବିଜେଡିରେ ମିଶିଲେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷାଙ୍କ ସମେତ ୪୦ ନେତା

ନୀଳଗିରି, ୨୫।୪(ସମିସ):



ସମଗ୍ର ରାଜ୍ୟର ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ନୀଳଗିରି ଏକ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ଭାବେ ବେଶ ପରିଚିତ। ଅଦ୍ୟାବଧି ଉକ୍ତ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରମୁଖ ରାଜନୈତିକ ଦଳ ଭାବେ କଂଗ୍ରେସ, ବିଜେପି ଓ ବିଜେଡି ପ୍ରାର୍ଥୀ ଘୋଷଣା କରିନାହାନ୍ତି। ବିଜେଡିର ପ୍ରାର୍ଥୀ ଘୋଷଣାକୁ ଅନ୍ୟ ଦୁଇ ଦଳ ଅପେକ୍ଷା କରିଛି ବୋଲି କୁହାଯାଉଛି। ଜିଲ୍ଲା ବିଜେଡ଼ିର ବରିଷ୍ଠ ଉପ ସଭାପତି ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ସମେତ ବହୁ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମ ବିଜେଡ଼ି କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଶ୍ରୀ ଖଟୁଆ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ତଥା ରାଜ୍ୟ ବିଜେଡ଼ି ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍‌ଏସି ଅଧ୍ୟକ୍ଷା, ଅମ୍ବିକା ଦାସ, ଉପାଧ୍ୟକ୍ଷ, ମହେନ୍ଦ୍ର ବେହେରା, ବରିଷ୍ଠ ବିଜେଡ଼ି ନେତା, ରବୀନ୍ଦ୍ର ନାୟକ, କୃତିବାସ ବେହେରା, ଜିଲ୍ଲାପରିଷଦ ସଭ୍ୟା, ରଞ୍ଜିତା ସିଂ, ଶବ୍ୟସାଚୀ ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି ପ୍ରମୁଖ ବହୁ ନେତା ଓ ମହିଳା ନେତ୍ରୀ ଉପସ୍ଥିତ ଥିଲେ। ଆଜି ବିଜେଡ଼ିରେ ସାମିଲ ହୋଇଥିବା ପ୍ରମୁଖ ବ୍ୟକ୍ତି ମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା-ବିଜେପିରୁ ଜାନକୀ ସିଂ, ସୁକାନ୍ତି ନାୟକ (ପୂର୍ବତନ ନାଏବ ସରପଞ୍ଚ, ମାଟିଆଳି ଗ୍ରାମ ପଞ୍ଚାୟତ ), ମଞ୍ଜୁଲତା ସିଂ (ପୂର୍ବତନ ସରପଞ୍ଚ, ଛତ୍ରପୁର ଗ୍ରାମପଞ୍ଚାୟତ ), ଭୁଗୁଲା ମାଝୀ (ପୂର୍ବତନ ସମିତି ସଭ୍ୟ ବାଉଁଶବଣିଆ ଗ୍ରାମପଞ୍ଚାୟତ ), ବିଳାସିନୀ ଜେନା-(ପୂର୍ବତନ ନାଏବ ସରପଞ୍ଚ, ବାଉଁଶବଣିଆ ଗ୍ରାମପଞ୍ଚାୟତ ), ହରେକୃଷ୍ଣ ରାଉଳ (ପୂର୍ବତନ ସମିତି ସଭ୍ୟ ପ୍ରାର୍ଥୀ, ବାଉଁଶବଣିଆ ଗ୍ରାମପଞ୍ଚାୟତ ), ସବିତା ରାଉତ (ୱାର୍ଡ ମେମ୍ବର, ନରଣପୁର ଗ୍ରାମପଞ୍ଚାୟତ), ତ୍ରିଲୋଚନ ବେହେରା (ୱାର୍ଡ ମେମ୍ବର, ଦକ୍ଷିଣ ନରସିଂହପୁର ଗ୍ରାମପଞ୍ଚାୟତ), ସରସ୍ୱତୀ ସଲ (ପୂର୍ବତନ ୱାର୍ଡ ମେମ୍ବର, ଦକ୍ଷିଣ ନରସିଂହପୁର ଗ୍ରାମପଞ୍ଚାୟତ), ଯୋଗେନ୍ଦ୍ର ମହାଳିକ (ପୂର୍ବତନ ୱାର୍ଡ ମେମ୍ବର, ଡାଇରେକ୍ଟର ଏସସିଏସ, ଦକ୍ଷିଣ ନରସିଂହପୁର ଗ୍ରାମପଞ୍ଚାୟତ), ମହେନ୍ଦ୍ର ମଲ୍ଲିକ (ପୂର୍ବତନ ୱାର୍ଡ ମେମ୍ବର, ଡାଇରେକ୍ଟର ଏସସିଏସ, ଦକ୍ଷିଣ ନରସିଂହପୁର ଗ୍ରାମପଞ୍ଚାୟତ), ମନୋରଞ୍ଜନ ମହାଳିକ (ପୂର୍ବତନ ୱାର୍ଡ ମେମ୍ବର, ଦକ୍ଷିଣ ନରସିଂହପୁର ଗ୍ରାମପଞ୍ଚାୟତ), ଡଲି ମୁଖି (ପୂର୍ବତନ ୱାର୍ଡ ମେମ୍ବର, ମାଟିଆଳି ଗ୍ରାମପଞ୍ଚାୟତ), ଦେବେନ୍ଦ୍ର ପଣ୍ଡା (ପୂର୍ବତନ ୱାର୍ଡ ମେମ୍ବର, ମାଟିଆଳି ଗ୍ରାମପଞ୍ଚାୟତ), ଯୋଗେନ୍ଦ୍ର ମଲ୍ଲିକ (ପୂର୍ବତନ ୱାର୍ଡ ମେମ୍ବର, ଛତ୍ରପୁର ଗ୍ରାମପଞ୍ଚାୟତ), ଉପେନ୍ଦ୍ର ମହାଳିକ (ପୂର୍ବତନ ୱାର୍ଡ ମେମ୍ବର, ଦକ୍ଷିଣ ନରସିଂହପୁର ଗ୍ରାମପଞ୍ଚାୟତ), ସଗେନ ସିଂ (ପୂର୍ବତନ ୱାର୍ଡ ମେମ୍ବର, ମାଟିଆଳି ଗ୍ରାମପଞ୍ଚାୟତ), "ରଥ ସିଂ (ପୂର୍ବତନ ୱାର୍ଡ ମେମ୍ବର, ମାଟିଆଳି ଗ୍ରାମପଞ୍ଚାୟତ)ଙ୍କ ସମେତ ପ୍ରାୟ ୪୦ ରୁ ଅଧିକ ନେତା ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଏହା ଦ୍ୱାରା ନୀଳଗିରିରେ ବିଜେଡ଼ିର ଯଥେଷ୍ଟ ଶକ୍ତି ବୃଦ୍ଧି ପାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର, ୨୫।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଙ୍ଖାରୀ ପଞ୍ଚାୟତର ବଡନାଫରାଇ ଗ୍ରାମର ନାରାୟଣ ପ୍ରସାଦ ଗିରି(ବାଣ୍ଡିଆ ଗିରି)ଙ୍କ ବାସଗୃହରୁ ଝୁଲନ୍ତା ଅବସ୍ଥାରେ ଏକ ଯୁବକର ମୃତଦେହକୁ ଉଦ୍ଧାର କରାଯାଇଛି। ଯୁବକ ଜଣକ ନାରାୟଣ ପ୍ରସାଦଙ୍କ ପୁଅ ଜୟନ୍ତ ଗିରି (ବାବୁ) ବୟସ ପାଖାପାଖି ୩୪ବର୍ଷ। ସୂଚନାରୁ ଜଣାଯାଏ ଜୟନ୍ତଙ୍କ ସ୍ତ୍ରୀ ସସ୍ମିତା, ୬ବର୍ଷର ଝିଅ ଦେବଶ୍ରୀକୁ ନେଇ ୩ଦିନ ହେଲା ବାପା ଘରକୁ ବୁଲିବାକୁ ଯାଇଥିଲେ। ଜୟନ୍ତ ପ୍ରତିଦିନ ପରି ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ସୂଚନାଯୋଗ୍ୟ ଯେ ସେ ଗତକାଲି ମଧ୍ୟ ରାତିରେ ଘରକୁ ଫେରି ଶୋଇଥିଲେ। କିନ୍ତୁ ସକାଳେ ସିଲିଂ ଫ୍ୟାନରେ ଗାମୁଛାରେ ଝୁଲୁଥିବା ଦେଖି ପରିବାର ଲୋକ ସ୍ତ୍ରୀ ସସ୍ମିତା ଓ ପୁଲିସକୁ ଖବର ଦେଇଥିଲେ। ସସ୍ମିତା ଖବରପାଇ ଘରକୁ ଆସିଥିଲେ। ତେବେ ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନଥିଲେ ହେଁ ପୁଲିସ ଝୁଲନ୍ତା ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ଖବର ମିଳିଛି। ଏ ନେଇ ଭୋଗରାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବସ୍ ଦୁର୍ଘଟଣାରେ ୨୩ ଆହତ

ଚନ୍ଦନେଶ୍ୱର, ୨୫।୪(ସମିସ) : ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଚନ୍ଦନେଶ୍ୱରରୁ ପ୍ରତ୍ୟହ ଦୂରଗାମୀ ଯାତ୍ରୀବାହୀ ବସ୍ ମଧ୍ୟରୁ ଅନ୍ୟତମ ସାହୁ ବସ ବୁଧବାର ସନ୍ଧ୍ୟାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଭୋଗରାଇରୁ ବ୍ରହ୍ମପୁର ଯାଉଥିବା ସାହୁ ଘରୋଇ ବସ ବ୍ରହ୍ମପୁରରୁ ଭୋଗରାଇ ଆସୁଥିବା ବେଳେ ବ୍ରହ୍ମପୁର ରମ୍ଭା ଘାଟି ପାଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଆହତ ୨୩ଯାତ୍ରୀଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ବସ୍‌ରେ ଦାରୁହା, କମର୍ଦ୍ଦା, ଭୋଗରାଇ, ଥାନଛକ, ବାଲିଆପାଳ ଲୋକ ଥିବା ସୂଚନା ମିଳିଛି। ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡି ଚଳାଉ ଥିଲେ ବୋଲି ଯାତ୍ରୀ ମାନେ ପ୍ରକାଶ କରିଛନ୍ତି।

## ଶୁଦ୍ଧ ଚେତନାର ମଣିଷ ଥିଲେ ନନୀବାଳା ଦେବୀ



ଭୋଗରାଇ, ୨୫।୪ (ସମିସ): ଦିବଙ୍ଗତା ନନୀବାଳା ଦାସ ଥିଲେ ଜଣେ ପ୍ରଗାଢ ଧର୍ମପ୍ରାଣା, ସଦାଚାରୀ ଓ ସଂସ୍କାରୀ ତଥା ଶୁଦ୍ଧ ଚେତନାର ମହିଳା। ତାଙ୍କ ସହିତ ମିଶିଥିବା ଯେକୌଣସି ବ୍ୟକ୍ତି ଚିରକାଳ ପାଇଁ ତାଙ୍କୁ ଝୁରି ହେବାକୁ ବାଧ ବୋଲି ପୂର୍ବତନ ରାଜସ୍ୱ ପରିଦର୍ଶକ ସ୍ୱର୍ଗତ ଅବନୀକାନ୍ତ ଦାସଙ୍କ ଧର୍ମପତ୍ନୀ ନନୀବାଳାଙ୍କ ପୁଣ୍ୟ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଯୋଗଦେଇ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଭୋଗରାଇ ବ୍ଲକ କୁଳିଦା ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଗ୍ରାମ ସ୍ଥିତ ନିଜସ୍ୱ ବାସଭବନରେ ଦିବଙ୍ଗତା ନନୀବାଳାଙ୍କ ପୁଣ୍ୟ ଏକାଦଶାହ ଅବସରରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚର ସଭାପତି ତଥା ଭୋଗରାଇ ପୂଜ୍ୟପୂଜା ପରିଷଦର ବରିଷ୍ଠ ଉପଦେଷ୍ଟା ଓ ବିଶିଷ୍ଟ ଶିକ୍ଷାବିତ୍ ପଙ୍କଜାକ୍ଷ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପୂଜ୍ୟପୂଜା ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ସଭାକୁ ପୂଜ୍ୟପୂଜା ପରିଷଦର ଉପ ସଭାପତି ତଥା ସମ୍ଭାବନା ପ୍ରକାଶନୀ ମୁଖ୍ୟ କବି ଡ. ଶ୍ରୀକୁମାର ଘୋଷ ପରିଚାଳନା କରିଥିଲେ। ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ଅବସରପ୍ରାପ୍ତ ହାଇସ୍କୁଲ ନୋଡାଲ ଅଫିସର ସୁବ୍ରତ କୁମାର ଘରାଇ, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯଜ୍ଞେଶ୍ୱର ଜେନା, ପରିଷଦର ଅନ୍ୟତମ ସମ୍ପାଦକ ସୁନୀଲ କୁମାର କର, ସମାଜସେବୀ ଅଂଶୁମାନ ମହାନ୍ତି, ସଞ୍ଜୀବ କୁମାର ସାହୁ, ଅମଳେନ୍ଦୁ ଶେଖର ଦାସ, ନିଶେଷ ଦେବ, ମାନସ ରଞ୍ଜନ ମହାନ୍ତି, ସତ୍ୟବ୍ରତ ଜେନା ପ୍ରମୁଖଙ୍କ ସହିତ ଦିବଙ୍ଗତାଙ୍କ ନଣନ୍ଦ ନୀଳିମା ଦାସ, ପୂର୍ଣ୍ଣିମା ସାହୁ, ଭଣଜା ବୋହୂ ଗୀତାଞ୍ଜଳି ପ୍ରଧାନ, ଦିଅର ବିନୟ କୁମାର ଦାସ, ସୁଧୀର କୁମାର ଦାସ ଓ ତାପସ କୁମାର ଦାସ, ଜ୍ୟେଷ୍ଠପୁତ୍ର ଡାକ୍ତର ଦେବକୁମାର ଦାସ, କନିଷ୍ଠ ପୁତ୍ର ନବକୁମାର ଦାସ, ପୁତ୍ରବଧୂ ଲୀନାରାଣୀ ଚାନ୍ଦ ଓ ରଞ୍ଜିତା ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରାରମ୍ଭରେ ନନୀବାଳାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ସହିତ ବିଦେହୀ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଧ୍ୟମ ପୁତ୍ର ତଥା ପୂଜ୍ୟପୂଜା ପରିଷଦର ସାଧାରଣ ସମ୍ପାଦକ ଆଇନଜୀବୀ ରାଜକୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଜଳେଶ୍ୱର ବ୍ଲକ, ୨୫।୪ (ସମିସ) : ଜଳେଶ୍ୱର ବିଦ୍ୟୁତ୍ ବିଭାଗ (ଟିପିଏନଓଡିଏଲ୍) ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଜମାଲପୁର ବିଶ୍ୱନାଥ ଏକାଡେମୀ ପରିସରରେ ସକାଳ ୮ ଟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜମାଲପୁର ବିଶ୍ୱନାଥ ଏକାଡେମୀର ପ୍ରଧାନ ଶିକ୍ଷକ ଅଜୟ କୁମାର ଦାସ ଓ ବିଦ୍ୟୁତ୍ ବିଭାଗର ଜୁନିଅର ମ୍ୟାନେଜର ଗଦାଧର ଭୂୟାଁ, ବିଦ୍ୟୁତ୍ ବିଭାଗ ବ୍ୟବସାୟିକ କନିଷ୍ଠ ଯନ୍ତ୍ରୀ ରଞ୍ଜିତ କୁମାର ବେହେରା, ଲାଇନମ୍ୟାନ ଚନ୍ଦନ କୁମାର ଦତ୍ତ, ସହଯୋଗୀ ରାଜୀବ କୁମାର ପାତ୍ର, ବିଶ୍ୱଜିତ୍ ସାମଲ, ରତନ କୁମାର ବିଶ୍ୱାଳ, ଯଜ୍ଞେଶ୍ୱର ଅଣ୍ଡିଆ, ଗୌତମ୍ ଜେନା, ସୁରେନ୍ଦ୍ର ଦତ୍ତ, ସତ୍ୟବ୍ରତ ଗିରି ପ୍ରମୁଖ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ସହିତ ବିଶ୍ୱନାଥ ଏକାଡେମୀର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଟିପିଏନଡିଏଲ ର ମେଡିକାଲ ଦଳ ପକ୍ଷରୁ ଡାକ୍ତର ସୋନାଲି ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ଉର୍ମିଳା ମହାନ୍ତ, ଫାର୍ମାସିଷ୍ଟ ଶୁଭାଶିଷ ଦାସ ଓ ସହଯୋଗୀ ବିଜୟ କୁମାର ଦାସ ପ୍ରମୁଖ ଡାକ୍ତରୀ ଦଳ ରୋଗୀ ମାନଙ୍କୁ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା କରି ଔଷଧ ବଣ୍ଟନ କରିଥିଲେ। ଶିବିର ଦିନ ୧୨ଟାରେ ଶେଷ ହୋଇଥିଲା। ପ୍ରବଳ ଗରମ ହେବା ସତ୍ତ୍ୱେ ୭୬ ଜଣ ରୋଗୀ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ସ୍ୱାସ୍ଥ୍ୟ ଶିବିର ୧ ମାସ ପରେ ଅନୁଷ୍ଠିତ ହେବ କୁହାଯାଇଛି।

## ଜଳେଶ୍ୱର ଟାଉନରେ ବିଜେଡିର ସାଂଗଠନିକ ବୈଠକ



ଜଳେଶ୍ୱର ବ୍ଲକ, ୨୫।୪ (ସମିସ) : ତୃଣମୂଳ ସ୍ତରରେ ବିଜେଡି ଦଳର ସଂଗଠନକୁ ସଶକ୍ତ କରାଇବା ଲକ୍ଷ୍ୟ ନେଇ ବିଜୁ ଜନତା ଦଳ, ଜଳେଶ୍ୱର ଟାଉନ୍ ନେତୃମଣ୍ଡଳୀ ତରଫରୁ ୨ ନମ୍ବର ୱାର୍ଡ଼ ଷ୍ଟେସନ ବଜାର, ୧ ନମ୍ବର ୱାର୍ଡ଼ ଝାଡେଶ୍ୱରପୁର, ୮ ନମ୍ବର ୱାର୍ଡ଼ ପଞ୍ଚୁଘଣ୍ଟାଠାରେ ଜନ ଆଶୀର୍ବାଦ ସମାବେଶ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଉଭୟ ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ଶଙ୍ଖ ଚିହ୍ନରେ ମୋହର ମାରି ନିର୍ବାଚିତ କରିବା ପାଇଁ ନେତୃ ମଣ୍ଡଳୀ ମାନଙ୍କ ଦ୍ୱାରା ଉକ୍ତ ବୈଠକରେ ଅନୁରୋଧ କରା ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର, ପୌରପାଳିକାର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ନଗର ସଭାପତି ସୁରଜିତ ଘୋଷ, ଉପ ନଗରପାଳଙ୍କ ପ୍ରତିନିଧି ବିଜୟ କୁମାର କାମିଲା, ମନ୍ତ୍ରୀ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର, ନଗର ଯୁବ ସଭାପତି ଆନନ୍ଦ କର, ନଗର ଛାତ୍ର ସଭାପତି ସୁରଜ୍ କୁମାର ଚୌରାସିଆ, ଚିତ୍ତ ରଞ୍ଜନ ମହାନ୍ତି, ସଞ୍ଜୀବ କୁମାର ପାଳ, ସୁଧିର କୁମାର ମହାନ୍ତି, ସୁଶାନ୍ତ କୁମାର ସାହୁ, ଗୁରୁ ପ୍ରସାଦ ସାମନ୍ତ, ଗୁରୁପ୍ରସାଦ ଚୌରାଶିଆ, ଶେଖ୍ ସୈଫୁଦ୍ଦିନ, ଶେଖ୍ ଅବଦୁଲ ରହିମ, ସ୍ମୃତିରଞ୍ଜନ ଦାସ ଏବଂ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ମାନବ ସେବା ପରିବାରର ଜଳଦାନ ସେବା

ଜଳେଶ୍ୱର ବ୍ଲକ, ୨୫।୪ (ସମିସ) : ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀଜଗନ୍ନାଥ ମାନବ ସେବା ସଂଗଠନ ପକ୍ଷରୁ ନୂଆ ବଜାର ବାଇପାସ ପୋଲ ତଳେ ଚଳପ୍ରଚଳ କରୁଥିବା। ବାଇକ୍, ବସ, ଟ୍ରକ୍ ଟେମ୍ପୋରେ ଯାଉଥିବା ଲୋକେ, ଡ୍ରାଇଭର ଓ ପାଦଚଲା ଯାତ୍ରୀଙ୍କୁ ଶୀତଳ ଦହି ସରବତ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ସଂଗଠନର ସଦସ୍ୟ କ୍ଷିତୀଶ ବ୍ରହ୍ମ, ଉପଦେଷ୍ଟା ମଣ୍ଡଳୀର ମୀନକେତନ ଆଚାର୍ଯ୍ୟ, ଅମୀୟ ପରିଡ଼ା, ସରୋଜ ବ୍ରହ୍ମ, ପରମାନନ୍ଦ ବ୍ରହ୍ମ, ମୁନା ଗିରି, ହିମାଂଶୁ ଜେନା, ଲିପୁନ କୁମାର, ଦୀପକ ବ୍ରହ୍ମ, କୁନା ନନ୍ଦୀ, ରଞ୍ଜିତା ରାଉଳ, ଅମ୍ରିତ ଚନ୍ଦ, ସାଗର ବ୍ରହ୍ମ, ଗୋବିନ୍ଦ ଚନ୍ଦ୍ର ପରିଡ଼ା, ଶୁଭମ ପରିଡ଼ା, ରାଜେଶ ସେଣ, ରହିତ ବ୍ରହ୍ମ, ରଶ୍ମିରେଖା ପରିଡ଼ା, ଚନ୍ଦନ, ନୀଳ, ଗୋପାଳ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ମୁଖ୍ୟ ତୋଫାନ ଆଚାର୍ଯ୍ୟ ଏଭଳି କାର୍ଯ୍ୟକ୍ରମ ହାତକୁ ନେଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଜଳିଗଲା ଏସିର ଆଉଟର



ଜଳେଶ୍ୱର ବ୍ଲକ, ୨୫।୪ (ସମିସ): ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ବାସନ୍ତୀ ପଡ଼ିଆଠାରେ ସ୍ଥାନୀୟ ପ୍ରିୟରଞ୍ଜନ ଦାସଙ୍କ ବାସଭବନରେ ଲାଗିଥିବା ଏସିର ଆଉଟର ହଠାତ୍ ଜଳିବାକୁ ଲାଗିଥିଲା। ତେବେ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ଘର ମାଲିକକୁ ଖବର ଦେଇଥିଲେ। ଦମକଳ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣା ପଡ଼ିଛି। ତେବେ ପ୍ରବଳ ଗରମ ଯୋଗୁଁ ସର୍ଟସର୍କିଟ ହୋଇଥିବା ଅନୁମାନ କରାଯାଉଛି।

## ଲଙ୍ଗଳେଶ୍ୱରରେ ବିଜେଡିର ମିଶ୍ରଣ ପର୍ବ



ଲଙ୍ଗଳେଶ୍ୱର, ୨୫।୪ (ସମିସ): ଲଙ୍ଗଳେଶ୍ୱରସ୍ଥିତ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନାଙ୍କ ବାସଭବନରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ନିରନ୍ତର ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବାଲିଆପାଳ ପଞ୍ଚାୟତର ୬ନଂ ୱାର୍ଡ଼ ସଦସ୍ୟ ଲକ୍ଷ୍ମୀଧର ବେହେରା ଏବଂ କରୁଆପଡ଼ା ଗ୍ରାମ ୨ନଂ ୱାର୍ଡ଼ର ୪୦ରୁ ଅଧିକ ପରିବାର କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଜିଲ୍ଲା ଯୁଗ୍ମ ସମ୍ପାଦକ ଯୁବନେତା ଜଗବନ୍ଧୁ ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳକୁ ସ୍ୱାଗତ ଜଣାଇବା ସହ ମିଳିମିଶି ସମୃଦ୍ଧ ଓ ବିକଶିତ ବସ୍ତା-ବାଲିଆପାଳ ଗଢ଼ିବା ପାଇଁ ସଭିଏଁ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଏବଂ ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବା ପାଇଁ ଆହ୍ୱାନ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ଜିଲ୍ଲା କୃଷକ ସେଲ ସଭାପତି ଅଜୟ ସାମଲ, ଡା. ଟୁଡୁ ପ୍ରମୁଖ ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ଜଳେଶ୍ୱର ବ୍ଲକ, ୨୫।୪ (ସମିସ) :



ରସକଲ୍ଲୋଳର ରଚୟିତା ଓଡ଼ିଆ ସାହିତ୍ୟର ଅନନ୍ୟ ପ୍ରତିଭା ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି। ତାଙ୍କ ସୃଷ୍ଟିଗୁଡ଼ିକ ଓଡ଼ିଆ ସାହିତ୍ୟ ଆକାଶରେ ନୂଆ ଜାଗରଣ ସୃଷ୍ଟି କରିଥିଲା।ସେଗୋଡ଼ିକ ମଧ୍ୟରୁ ରସବିନୋଦ, ଆବିଡ୍ରୋଣ ଚଉତିଶା ଓ ଜଗମୋହନ ଛାନ୍ଦ ଆଦି ଓଡ଼ିଆ ସାହିତ୍ୟ ଆକାଶକୁ ଅନବଦ୍ୟ ଦାନ ତା'ର ପଟାନ୍ତର ନାହିଁ। କବି ଦୀନକୃଷ୍ଣଙ୍କ ପ୍ରତିଟି ରଚନାରେ ପଦଲାଳିତ୍ୟ, ସଙ୍ଗୀତ, ବିଶୁଦ୍ଧ ଗୀତି ରସସିକ୍ତ ଚେତନା, ଧର୍ମ ଚିନ୍ତା, ଭକ୍ତି ଭାବ ଓ ସମର୍ପଣ ରହିଛି। ରଚନାତ୍ମକ ପ୍ରତିଭା ଦୃଷ୍ଟିରୁ ଇଟାଲୀ କବି ଦାନ୍ତେଙ୍କ ସହ ସେ ସମକକ୍ଷ। ଦୀନକୃଷ୍ଣଙ୍କ ପାଇଁ ତାଙ୍କ ଜନ୍ମମାଟି ଜଳେଶ୍ୱର ମୁଣତୁଣିଆ ଗାଁ ଓଡ଼ିଶା କାହିଁକି ସମଗ୍ର ଦେଶରେ ପରିଚିତ ହୋଇଛି ବୋଲି ଜଳେଶ୍ୱରସ୍ଥିତ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ଜନ୍ମମାଟି ଜଳେଶ୍ୱର ବ୍ଲକ ଖୁଦିଆମାଝିସାହି ପଞ୍ଚାୟତର ମୁଣ୍ଡତୁଣିଆ ଗାଁରେ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ପାଳନ ଅବସରରେ ମତ ପ୍ରକାଶ ପାଇଛି। ଜନ୍ମମାଟି କବି ଡିହରେ ବୁଧବାର ପରିଷଦର କର୍ମକର୍ତ୍ତା ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ସମବେତ ହୋଇଥିଲେ। ନିର୍ବାଚନ ଆଚରଣବିଧି ଯୋଗୁଁ କାର୍ଯ୍ୟକ୍ରମକୁ ନିରାଡମ୍ବର ଭାବେ ପାଳନ କରାଯାଇଥିଲା। ପ୍ରାରମ୍ଭରେ ଭକ୍ତ କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରିଷଦର ପ୍ରାଣ ପ୍ରତିଷ୍ଠାତା ବିପିନ ବିହାରୀ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରୁଦ୍ରକାନ୍ତ ଘୋଷ ଓ ବୀଣା ଭାରତୀ ଘୋଷ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ଅଜିତ କୁମାର ମହାନ୍ତି ବକ୍ତବ୍ୟ ସହିତ ପ୍ରସ୍ତାବ ରଖିଥିଲେ। କବି ଦୀନକୃଷ୍ଣ ଦାସଙ୍କ ନାମରେ ସକାଳ ଜଳେଶ୍ୱର-ପୁରୀ ମେମୁ ଟ୍ରେନକୁ ନାମ କରଣ କରିବା ପାଇଁ ଏବଂ ଜଳେଶ୍ୱର ଷ୍ଟେସନ ସାମ୍ନାରେ କବି ଦୀନକୃଷ୍ଣଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜଳେଶ୍ୱରରେ ନୂଆ କରି ଏକ ହସ୍ପିଟାଲ ନିର୍ମାଣ କବି ଦୀନକୃଷ୍ଣ ନାମରେ କରାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ପ୍ରାକ୍ତନ ସିଇଓ ଶରତ ଚନ୍ଦ୍ର ପରିଡ଼ା, ଅଧ୍ୟାପିକା ଇନ୍ଦୁମତୀ ଗିରି, ଅଧ୍ୟାପକ ଅନନ୍ତ ଦାସ, କବି ସୁଶୀଲ କୁମାର ମାହାନା, କବି ରଞ୍ଜନ କୁମାର ଘୋଷ, ପ୍ରାକ୍ତନ ଶିକ୍ଷକ ଜଗଦୀଶ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ଘୋଷ, ଯୁବନେତା ବିପ୍ଳବ କୁମାର ପ୍ରଧାନ ବକ୍ତବ୍ୟ ରଖିଥିଲେ। ପରିଷଦ ପକ୍ଷରୁ ଡ. ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

